### ସ୍କୁଲ ହତାରେ ନିଆଁରେ ପୋଡ଼ିହୋଇ ଛାତ୍ର ଗୁରୁତର ଘଟଣା

# ଅର୍ଥ ଅଭାବରୁ ହୋଇପାରୁନି ଚିକିତ୍ସା

ଜି.ଉଦୟଗିରି,୨୪।୨(ସମିସ)

ଆଡାସିକୁପାରେ ଥିବା ନବଜ୍ୟୋତି ହାଇସ୍କୁଲରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ଗୋଟିଏ ଗୋଡ଼ ନିଆଁରେ ପୋଡ଼ିଯାଇଥିବା ବେଳେ ଅଳ୍ପକେ ବଡ଼ ବିପଦରୁ ବର୍ତ୍ତିଯାଇଥଲେ। ସୂଚନା ଅନୁସାରେ ଗତ ସୋମବାର ସ୍କୁଲରେ ଜଣେ ଛାତ୍ର ଏକ ବୋତଲରେ ଆଲକାତାରା ଓ ପେଟ୍ରୋଲ ମିଶାଇ ସ୍ପ୍ରେ କରି ନିଆଁ ଲଗାଇ ଖେଳୁଥିବା ବେଳେ ବୋତଲରେ ନିଆଁ ଲାଗିଯାଇଥିଲା। ଛାତ୍ର ଜଣକ ଭୟରେ ବୋତଲକୁ ଜୋରରେ ତଳେ କଚାଡ଼ି ଦେଇଥିଲେ। ସେହି ସମୟରେ ସମ୍ମୁଖରେ ଯାଉଥିବା ଅନ୍ୟଜଣେ ନବମ ଶ୍ରେଣୀ ଛାତ୍ର ଭିନସେଣ୍ଟ ଡିଗାଲଙ୍କ ପ୍ୟାଣ୍ଟରେ ବୋତଲରେ ଥିବା ମିଶ୍ରଣ ପଡ଼ି ନିଆଁ ଲାଗିଥିଲା। ଅନ୍ୟ ଛାତ୍ର ପୋଡ଼ି ଯାଉଥିବା ଛାତ୍ରଙ୍କୁ ଉଦ୍ଧାର କରିଥିଲେ। ପୋଡ଼ି ଯାଇଥିବା ଛାତ୍ରଙ୍କୁ ଡାକ୍ତରଖାନା ନେବା ବଦଳରେ ବିଦ୍ୟାଳୟ କର୍ତ୍ତୃପକ୍ଷ ଏକ ଅଟୋରେ ଘରକୁ ପଠାଇଥିଲେ ବୋଲି ଛାତ୍ରଙ୍କ ବାପା ମୃତ୍ୟୁଞ୍ଜୟ ଡିଗାଲ କହିଛନ୍ତି। ମା' ଛେଉଣ୍ଡ ପୁଅକୁ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଥିଲେ। ପୁଅର ଗୋଡ଼ ବହୁ ମାତ୍ରାରେ ପୋଡ଼ି ଯାଇଥିବାରୁ ଭଲ ହେବାରେ ଡେରି ହେଉଛି। ଅନ୍ୟପକ୍ଷରେ ଅର୍ଥ ଅଭାବରୁ ଚିକିତ୍ସାରେ ଅସୁବିଧା ହେଉଥିବା ମୃତ୍ୟୁଞ୍ଜୟ କହିଛନ୍ତି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଖାମଖିଆଲି ମନୋଭାବ ଯୋଗୁଁ ଛାତ୍ର ନିଆଁରେ ଅଧିକ କ୍ଷତ ହୋଇଥିବା ଅଭିଯୋଗ ହେଉଛି।

**ଥାନାର ଦ୍ୱାରସ୍ଥ ହେଲେ ବାପା**

ଘଟଣା ବେଳେ କେହି ବିଦ୍ୟାଳୟ କର୍ତ୍ତୃପକ୍ଷ ନଥିବା ଏବଂ ସ୍କୁଲ ହତାରେ ପେଟ୍ରୋଲ ମିଶ୍ରିତ ପଦାର୍ଥ ପିଲାଙ୍କ ଖେଳ ସାମଗ୍ରୀ କିପରି ହେଲା ତାହା ଆଲୋଚନାର ବିଷୟ ହୋଇଛି। ଅର୍ଥ ଅଭାବରୁ ପୁଅର ଉତ୍ତମ ଚିକିତ୍ସା ହୋଇ ପାରୁନଥିବା ମୃତ୍ୟୁଞ୍ଜୟ କହିଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ ସ୍ୱାଇଁ ଏହି ଘଟଣା ପରେ ଗତକାଲି ଛାତ୍ରଙ୍କୁ ଭେଟିବା ସହ ପ୍ରଧାନ ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଛାତ୍ରଙ୍କ ବାପା ଆଜି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

## କାର୍ ଧକ୍କାରେ ଛାତ୍ର ଆହତ; ସ୍କୁଲ ଗେଟ୍‌ରେ ତାଲା



ମୋହନା,୨୪।୨(ସମିସ): କାର୍ ଧକ୍କାରେ ଜଣେ ୫ମ ଶ୍ରେଣୀ ଛାତ୍ର ଆହତ ହେବା ପରେ ସ୍କୁଲ୍ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଦାୟୀ କରି ସ୍କୁଲ ଗେଟ୍‌ରେ ତାଲା ପକାଇ ପ୍ରତିବାଦ କରିଛନ୍ତି ଅଭିଭାବକ। ଏଭଳି ଘଟଣା ମୋହନା ବ୍ଲକ୍ କେଶରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ହୋଇଛି। ମଙ୍ଗଳବାର ୧୦ଟା ବେଳେ ସ୍କୁଲ ଗେଟ ସାମ୍ନାରେ ଛାତ୍ର ଜଣକ ରାସ୍ତା ପାର୍ ହେବା ବେଳେ କାର ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଆହତ ଛାତ୍ରକୁ ଉଦ୍ଧାର କରି ମୋହନା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଅଭିଭାବକ ଉତ୍ତ୍ୟକ୍ତ ହୋଇ ସ୍କୁଲ ଗେଟ୍‌ରେ ତାଲା ପକାଇ ପ୍ରତିବାଦ କରିଥିଲେ। ଶିକ୍ଷକମାନେ ଠିକ୍ ସମୟରେ ସ୍କୁଲକୁ ଅସୁ ନ ଥିବା ବେଳେ ଠିକ ଭାବରେ ଛାତ୍ରଛାତ୍ରୀ ଦାୟିତ୍ୱ ନିର୍ବାହ କରୁନାହାନ୍ତି ବୋଲି ଅଭିଯୋଗ କରିବା ସହ ସ୍କୁଲ ଗେଟ୍‌ରେ ତାଲା ପକାଇଥିଲେ। ଖବର ପାଇ ବ୍ଲକ୍ ଶିକ୍ଷାଧିକାରୀ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ପରେ ସ୍କୁଲ ତାଲା ଖୋଲା ଯାଇଥିଲା। ବିଦ୍ୟାଳୟର ସମସ୍ୟା ନେଇ ବ୍ଲକ୍ ଶିକ୍ଷାଧିକାରୀ ଅଭିଭାବକଙ୍କ ସହ ଆଲୋଚନା କରିବା ସହ ସମାଧାନ ପାଇ ପ୍ରତିଶ୍ରୁତି ଦେଇଥିଲେ।

## ସାଇବର୍ ଠକେଇ ମାମଲାରେ ୪ ଗିରଫ



ଆସିକା,୨୪।୨(ସମିସ): ବିଭିନ୍ନ ବ୍ୟାଙ୍କର ଜମା ଖାତା ଏବଂ ଆକାଉଣ୍ଟରୁ ବହୁ ପରିମାଣର ଟଙ୍କାର କାରବାର ନେଇ ପୁଲିସ ସନ୍ଦେହ ଘେରକୁ ଆସିବା ପରେ ଏହାର ତଦନ୍ତ କରି ୪ ଜଣଙ୍କୁ ଗିରଫ କରିଛି। ଏହାସହ ଦୁଇଟି କାର, ୬ଟି ଦାମୀ ମୋବାଇଲ, ନଗଦ ୫୦ହଜାର ଟଙ୍କା ସହ ଏଟିଏମ୍ କାର୍ଡ, ଡେବିଟି କାର୍ଡ, ପାନ କାର୍ଡ, କ୍ରେଡିଟ କାର୍ଡ, ଚେକ୍‌ବୁକ, ପାସ୍‌ବୁକ, ଓପ୍‌ନଂ ଫର୍ମକୁ ଜବତ କରିଛି। ଏନେଇ ନଂ.୬୯/୨୬ ପ୍ରକାରେ ଥାନାରେ ଏକ ମାମଲା ରୁଜୁ କରାଯାଇ ସୁମନ୍ତ ରାଉତ, ଏମ.କାଲୁ ଚରଣ ରେଡି, ବଳିଆ ନାୟକ ଓ ସାଗର ପ୍ରସାଦ ଜେନାକୁ ଗିରଫ କରାଯାଇଥିବା ନେଇ ଆସିକା ଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓ ସନ୍ତୋଷ ଜେନା କହିଛନ୍ତି। ଏହା ଏକ ବଡ଼ ଧରଣର ସାଇବର ଠକେଇ ହୋଇଥିବା ଏବଂ ଏହାର ଲିଙ୍କରେ ରାଜ୍ୟ ବାହାରର କିଛି ଯୁବକ ଜଡ଼ିତ ଥିବା ପୁଲିସ ସନ୍ଦେହ କରୁଛି। ସାମ୍ବାଦିକ ସମ୍ମିଳନୀରେ ଆସିକା ଥାନା ଅଧିକାରୀ କୁଳମଣି ସେଠୀ, ଅତିରିକ୍ତ ଥାନା ଅଧିକାରୀ ସୌମ୍ୟରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ବନାଗ୍ନି ପ୍ରତିରୋଧ ସଚେତନତା ସଭା



ବୁଗୁଡ଼ା,୨୪।୨(ସମିସ): ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ବନ ବିଭାଗ ପକ୍ଷରୁ ଅନ୍ତରପଡା ଗ୍ରାମସ୍ଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବନାଗ୍ନି ପ୍ରତିରୋଧ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାନେତ୍ରୀ ରଞ୍ଜୁଲତା ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବୁଗୁଡା ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀ ଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ତାଲସାକର ୟୁପି ସ୍କୁଲ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ସେଠୀ ଓ ବନପାଳ ସୁକାନ୍ତ ପଟ୍ଟନାୟକ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ବନାଗ୍ନିର କ୍ଷତିକାରକ ପ୍ରଭାବ ଏବଂ ଏହାର ପ୍ରତିରୋଧ ନିମନ୍ତେ ଆବଶ୍ୟକୀୟ ସଚେତନତା ସମ୍ପର୍କରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ଜେନା ପରିଚାଳନା କରିଥିବା ବେଳେ ସହକାରୀ ଶିକ୍ଷୟିତ୍ରୀ ସ୍ୱାଗତିକା ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

### ୨୦୨୭ ଜନଗଣନା ସମ୍ପର୍କିତ ପ୍ରଶିକ୍ଷଣ

## କୌଣସି ଶିକ୍ଷକ ଜନଗଣନା କାର୍ଯ୍ୟକୁ ମନା କରିପାରିବେ ନାହିଁ



ଛତ୍ରପୁର,୨୪।୨(ସମିସ): ୨୦୨୭ ଜନଗଣନା ସମ୍ପର୍କିତ ଏକ ଦୁଇଦିନିଆ ପ୍ରଶିକ୍ଷଣ କର୍ମଶାଳା ଅତିରିକ୍ତ ଜିଲ୍ଲାପାଳ ତଥା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ସୁନୀଲ କୁମାର କେର୍କେଟାଙ୍କ ଅଧକ୍ଷତାରେ ଆରମ୍ଭ ହୋଇଛି। ଏପ୍ରିଲ୍ ପ୍ରଥମ ଦୁଇ ସପ୍ତାହ ଜନଗଣନା ଅଧିକାରୀମାନେ (ଆନିମେଟର ଓ ସୁପରଭାଇଜର) ଜିଲ୍ଲାର ପ୍ରତ୍ୟେକ ଘରକୁ ଘର ଯାଇ ସମସ୍ତ ତଥ୍ୟର ସଠିକ ବିବରଣୀ ପଚାରି ନିର୍ଭୁଲ ଭାବରେ ଲିପିବଦ୍ଧ କରିବେ। ଦେଶର ଜଣେ ସଚେତନ ନାଗରିକ ହିସାବରେ ସମସ୍ତେ ନିର୍ଭୁଲ ତଥ୍ୟ ଜନଗଣନା ଅଧିକାରୀମାନଙ୍କୁ ଦେବା ସହିତ ପ୍ରଶାସନକୁ ସହଯୋଗ କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜନଗଣନା କାର୍ଯ୍ୟକୁ ପ୍ରଥମ ଥରପାଇଁ ଡିଜିଟାଲ ପ୍ରକ୍ରିୟାରେ କରାଯାଉଥିବାରୁ ସେନସସ୍ ପୋର୍ଟାଲରେ କିପରି ତଥ୍ୟ ଅପଲୋଡ୍ କରିପାରିବେ ତାହା ଉପରେ ଡିପିଏ ସନ୍ତୋଷ କୁମାର ଆଚାର୍ଯ୍ୟ ଏବଂ ସହକାରୀ ନିର୍ଦ୍ଦେଶକ ସୁଜିତ୍ କୁମାର ପ୍ରଧାନ ବୁଝାଇଥିଲେ। ବୈଷୟିକ ସହାୟକଙ୍କର ଏଥିରେ ମୁଖ୍ୟ ଭୂମିକା ରହିଛି ଏବଂ ଶତକଡା ୯୦ ଭାଗ କାମ ଚାର୍ଜ ଅଫିସରଙ୍କର ରହିଛି ବୋଲି ସେମାନେ କହିଥିଲେ। କୌଣସି ଶିକ୍ଷକ ଜନଗଣନା କାର୍ଯ୍ୟକୁ ମନା କରିପାରିବେ ନାହିଁ। ଆଗାମୀ ଜନଗଣନାକୁ କିପରି ସୁଚାରୁରୂପେ ସମ୍ପାଦନ କରାଯାଇପାରିବ ତାହା ଉପରେ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ଛତ୍ରପୁର ଉପଜିଲ୍ଲାପାଳ ଶିବାଶୀଷ ବରାଳ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗଦେଇଥିଲେ।

## ଚତୁର୍ଥୀ ରାତିରେ ନବବଧୂଙ୍କ ମୃତ୍ୟୁ

ଖଲ୍ଲିକୋଟ,୨୪।୨(ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ କେନ୍ଦୁପାଟ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଚତୁର୍ଥୀ ରାତିରେ ଜଣେ ନବବଧୂଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୂଜା ବେହେରା। କେନ୍ଦୁପାଟ ଗ୍ରାମର ଶଙ୍କର ବେହେରାଙ୍କ ଝିଅ ପୂଜା ବେହେରାଙ୍କ ବିବାହ ସେହି ଗ୍ରାମର ବିଦ୍ୟାଧର ଜେନାଙ୍କ ପୁଅ ବିପିନ ଜେନାଙ୍କ ସହିତ ଗତ ୨୦ ତାରିଖରେ ହୋଇଥିଲା। ସୋମବାର ଚତୁର୍ଥୀ ରୀତି ସମ୍ପନ୍ନ ପରେ ମଧ୍ୟରାତ୍ରୀରେ ହଠାତ ପୂଜା ଗୁରୁତର ହୋଇପଡ଼ିଥିଲେ। ରକ୍ତାକ୍ତ ଅବସ୍ଥାରେ ଘର ଲୋକେ ପୂଜାଙ୍କୁ ଚିକିତ୍ସା ପାଇଁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଆସିଥିଲେ। କିନ୍ତୁ ଡାକ୍ତର ସେଠାରେ ପୂଜାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଖଲ୍ଲିକୋଟ ପୁଲିସ ମେଡିକାଲରେ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଘଟଣାର ତଦନ୍ତ କରୁଛି। ଏ ସମ୍ପର୍କରେ ଖଲ୍ଲିକୋଟ ଥାନାରେ ଏକ ମାମଲା (ନଂ.୧୨/୨୦୨୬)ରେ ରୁଜୁ ହୋଇଥିବା ଥାନା ଅଧିକାରୀ ରମେଶ କୁମାର ପ୍ରଧାନ ସୂଚନା ଦେଇଛନ୍ତି।

## ମନ୍ଦିର ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଲୁଟ୍

କବିସୂର୍ଯ୍ୟନଗର,୨୪।୨(ସମିସ): ସ୍ଥାନୀୟ ମେରୁବନ୍ଧସାହିରେ ଥିବା ପରଡ଼ା ପାର୍ଟିର ଶ୍ରୀଦକ୍ଷିଣକାଳୀ ମନ୍ଦିରରୁ ସୋମବାର ରାତିରେ ହୁଣ୍ଡି ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ହୋଇଛି। ମଙ୍ଗଳବାର ସକାଳେ ପୂଜକ ଜାଣିପାରି କମିଟିକୁ ଜଣାଇଥିଲେ। କବିସୂର୍ଯ୍ୟନଗର ଥାନା ଆଇଆଇସି ନିରଞ୍ଜନ ଦାସ ଓ ଟିମ ବିଭିନ୍ନ ସିସିଟିଭି ଆଧାରରେ



ତଦନ୍ତ ଆରମ୍ଭ କରିଛନ୍ତି। ଘଟଣା ପରେ ପରିଚାଳନା କମିଟି ଅଧିକାରୀ ସୁବାସ ଚନ୍ଦ୍ର ଜେନା, ହୀନ ଖୁଣ୍ଟିଆ, ତ୍ରିପତି ମହାରଣା ପ୍ରମୁଖ ପହଞ୍ଚିଥିଲେ। ତେବେ ପୁଲିସ ପାଟ୍ରୋଲିଂ କଡାକଡି ହେଉନଥିବାରୁ ଏହି ଚୋରି ହୋଇଥିବା କୁହାଯାଉଛି।

## ଝାମୀ ଯାତ୍ରା ଉଦ୍‌ଯାପିତ

ଧରାକୋଟ,୨୪।୨(ସମିସ): ଧରାକୋଟ ବ୍ଲକ ଅନ୍ତର୍ଗତ ଗୋଲା ଦାମୋଦରପଲ୍ଲୀ ଗ୍ରାମରେ ଝାମୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଯାତ୍ରାର ପୂର୍ବ ଦିନ ଦୁଇ ଜଣ ଯାନୀ ମା'ଙ୍କ ଘଟ ଧରି ବାଦ୍ୟ ବାଜଣା ସହ ଆସିକା ସହର ଏବଂ ଦାମୋଦରପଲ୍ଲୀ ପଞ୍ଚାୟତ ଭ୍ରମଣ କରିବା ପରେ ମନ୍ଦିରରେ ବିଜେ ହୋଇଥିଲେ। ମଙ୍ଗଳବାର ଗାଁ ମନ୍ଦିର ରେ ଠାରେ ଏଲମା ଓ ପୋତ ରାଜୁ, ଶିବ ପାର୍ବତୀ, ନାଗ ନାଗୁଣୀଙ୍କୁ ଫୁଲ, ଚନ୍ଦନ, ସିନ୍ଦୁର, ଧୂପ ଦୀପ, ନାରିକେଳ ଆଦି ଯଥା ରୀତି ନୀତିରେ ପୂଜା ଅର୍ଚ୍ଚନା ଅନୁଷ୍ଠିତ କରାଯାଇଥିଲା। ମାନସିକ ଧାରୀ ମାନେ ଏହି ଦିନ ମନ୍ଦିର ନିକଟରେ ନିଜ ନିଜର ମନସ୍କାମନା ପୂର୍ଣ୍ଣ ହେଲା ପରେ ସନ୍ତାନ ମାନଙ୍କୁ ମୁଣ୍ଡନ କରି ଭୋଜିଭାତ ଆୟୋଜନ କରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ମନ୍ଦିର ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ମନ୍ଦିରକୁ ସୁନ୍ଦର ଆଲୋକ ସଜ୍ଜା କରାଯାଇଛି। ଶେଷ ଦିବସର ସାମାଜିକ ନାଟକକୁ ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ସରପଞ୍ଚ କମଳ ଲୋଚନ ରେ‡ୀ, ଦେବଦତ୍ତ ଶର୍ମା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

## ଦୁର୍ଘଟଣାରେ ବାଇକ୍ ଚାଳକ ଗୁରୁତର

କବିସୂର୍ଯ୍ୟନଗର,୨୪।୨(ସମିସ): କବିସୂର୍ଯ୍ୟନଗର ଥାନା ବଡ଼ଆଗୁଳ-ଆଠଗଡ଼ ରାସ୍ତାରେ ଏକ କ୍ୟାଣ୍ଟର ସହ ବାଇକ୍ ଧକ୍କା ହେବାରୁ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ କବିସୂର୍ଯ୍ୟନଗର ସାନଚଢ଼ିଆପଡା ଗାଁର ବବ୍ରୁବାହାନ ଜେନା (୪୦)। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ଅନୁସାରେ ବାଇକ୍ ଚାଳକ ଜଣକ ଆଠଗଡ଼ ପଟୁ ଯାଉଥିବାବେଳେ ଅପରପାର୍ଶ୍ୱରୁ କ୍ୟାଣ୍ଟେର ଆସୁଥିଲା। ତେବେ କ୍ୟାଣ୍ଟେର ଚାଳକ ମଦ୍ୟପାନ କରିଥିବାବେଳେ ବାଇକକୁ ଧକ୍କା ଦେଇଥିଲା। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

### ସ୍ୱାଭିମାନ ସୁରକ୍ଷା ଅଭିଯାନ ମଞ୍ଚର ବୈଠକ

## କୋଦଳାକୁ ସବ୍‌ଡିଭିଜନ ମାନ୍ୟତା ଦାବି



କୋଦଳା,୨୪।୨(ସମିସ): କୋଦଳା ତହସିଲ ସର୍ବ ପୁରାତନ ତହସିଲ। ଏହାକୁ ଏବେ ସବ୍‌ଡିଭିଜନ ମାନ୍ୟତା ଦାବି କରୁଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ବ୍ରିଟିଶ ଶାସନ ସମୟରେ ଏହା ଏକ ଉପଖଣ୍ଡ ଭାବେ ପରିଚିତ ଥିଲା। ବହୁ ପୁରାତନ ତହସିଲ କୋଦଳା ଏବେ ଅବହେଳିତ ହୋଇ ରହିଯାଇଛି। ଏଣୁ କୋଦଳାକୁ ଏବେ ଉପଖଣ୍ଡ ତଥା ସବ୍‌ଡିଭିଜନ ମାନ୍ୟତା ଦାବି କରୁଛନ୍ତି ସ୍ଥାନୀୟ ଅଞ୍ଚଳବାସୀ। ଦଳମତ ନିର୍ବିଶେଷରେ ବିଭିନ୍ନ ବର୍ଗର ଲୋକଙ୍କୁ ନେଇ ଗଠିତ ହୋଇଥିବା କୋଦଳା ସ୍ୱାଭିମାନ ସୁରକ୍ଷା ଅଭିଯାନ ମଞ୍ଚର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କୋଦଳା ଜଗନ୍ନାଥ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ରଙ୍କ ସଂଯୋଜନାରେ କୋଦଳା ଏନଏସି ଉପାଧ୍ୟକ୍ଷା ରଞ୍ଜିତା ସେଠୀ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏହି ଦାବିକୁ ଆଗାମି ଦିନରେ କିପରି ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରିବା ସହ କୋଦଳାକୁ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ କରାଯିବ ସେନେଇ ସମସ୍ତେ ନିଜ ମାଟି ପାଇଁ ଲଢିବାକୁ ଉକ୍ତ ବୈଠକରେ ଆହ୍ୱାନ ଦେଇଥିଲେ। ଆଗାମୀ ୨୭ ତାରିଖରେ କୋଦଳା ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯିବାକୁ ଉକ୍ତ ବୈଠକରେ ସ୍ଥିର କରାଯାଇଛି। ଏଥିରେ ସମାଜସେବୀ ତଥା ପୂର୍ବତନ କାଉନସିଲର ସନ୍ତୋଷ ନାୟକ, ଆଇନଜୀବୀ ମୀରାବାଇ ଦେଓ, କାଉନସିଲର ମନୋରଞ୍ଜନ ଡାକୁଆ, ବରିଷ୍ଠ ନାଗରିକ ସଂଘର ସଭାପତି ସୂର୍ଯ୍ୟନାରାୟଣ ଦୋରା, ଗଣେଷ ଯୁବକ ସଂଘ ସଭାପତି ସନ୍ତୋଷ କୁମାର ପ୍ରଧାନ, ପଣ୍ଡିତ ଦୁର୍ଗା ପ୍ରସାଦ ଦାଶ, ସାମ୍ବାଦିକ ସୁଶାନ୍ତ କୁମାର ପଟ୍ଟନାୟକ, ସୂର୍ଯ୍ୟନାରାୟଣ ବଡ୍ତୁ, ରଜନୀ ସେଠୀ, ରଶ୍ମିରଞ୍ଜନ ପଣ୍ଡା, କାଳୀ ପ୍ରସାଦ ରଥ, ଚନ୍ଦନ ସ୍ୱାଇଁ, ରମେଶ ନାୟକ, ବିଭୁତି ଭୂଷଣ ରଥଙ୍କ ସମେତ ବହୁ ବୁଦ୍ଧିଜୀବୀ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଧରାକୋଟରେ ପ୍ରବୋଧନ ତାଲିମ ଶିବିର



ଧରାକୋଟ,୨୪।୨(ସମିସ): ଧରାକୋଟ ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରବୋଧନ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହା ଜାତୀୟ ଶିକ୍ଷା ନୀତି ୨୦୨୦ ଓ ଓଡ଼ିଶା ପାଠ୍ୟକ୍ରମ ଆଧାର ୨୦୨୫ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ବନ୍ଧରେ ଉଦ୍ଦିଷ୍ଟ ହୋଇ ଥିବାରୁ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ବରଡାବିଲି, ପିଏମଶ୍ରୀ ଅନନ୍ତ ନାରାୟଣ ବିଦ୍ୟାପୀଠ ମୁଣ୍ଡମରାଇ, ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ଶିବିର ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୫ଟି ପର୍ଯ୍ୟାୟରେ ବ୍ଲକର ମୋଟ ୪୪୩ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏହି ତାଲିମ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ରାମହରି ସାହୁ, ଦେବାଶିଷ ବେହେରା, ରଶ୍ମିତା କୁମାରୀ ରାଉଳ, ଧୋବା ପ୍ରଧାନ, ରାଜେନ୍ଦ୍ର ମହାନ୍ତି, ପ୍ରଶାନ୍ତ କୁମାର ପାଣିଗ୍ରାହୀ ଓ ଅଜିତ କୁମାର ସାହୁ ସମ୍ବଳ ଶିକ୍ଷକ ଦାୟିତ୍ୱ ନେଇଥିବା ବେଳେ ଗୋଷ୍ଠୀ ଶିକ୍ଷା ଅଧିକାରୀ ରମେଶ ଚନ୍ଦ୍ର ସାହୁ, ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ସୌରୀ ଶଙ୍କର ବେହେରା ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଭୂତି ଭୂଷଣ ପାତ୍ର ତାଲିମ କେନ୍ଦ୍ର ଗୁଡିକୁ ସମୀକ୍ଷା କରୁଥିଲେ ଏବଂ ସମସ୍ତ ସିଆରସିସି ସହଯୋଗ କରିଥିଲେ।

### ଧାନ କିଣା ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ

## ୫୨ ଲକ୍ଷ ୮୭ ହଜାର ୯୯୧ କ୍ୱିଣ୍ଟାଲ ଧାନ ସଂଗ୍ରହ

ଛତ୍ରପୁର,୨୪।୨(ସମିସ)

ଗଞ୍ଜାମ ଜିଲ୍ଲାରେ ଡିସେମ୍ବର ୨୩ରୁ ଗଞ୍ଜାମ ଜିଲ୍ଲାରେ ଧାନ କିଣା ପକ୍ରିୟା ଚାଲୁ ରହିଛି। ଜିଲ୍ଲାରେ ୨୦୨୫/୨୬ ବର୍ଷରେ ୧ ଲକ୍ଷ ୫୬ ହଜାର ୭୧୩ ଜଣ ଚାଷୀ ପଞ୍ଜିକରଣ କରିଥିବା ବେଳେ ଏଯାବତ୍ ୧ଲକ୍ଷ ୪୩ ହଜାର ୬୬୨ ଜଣ ଚାଷୀଙ୍କ ଠାରୁ ୫୨ ଲକ୍ଷ ୮୭ହଜାର ୯୯ କ୍ୱିଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ଏଯାବତ ୯୨ପ୍ରତିଶତ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯାଇଛି। ୧ ଲକ୍ଷ ୩୬ ହଜାର ୫୦୨ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ୧୧୮୭ କୋଟି ୮୪ଲକ୍ଷ ୧୮ ହଜାର ୧୦୭ ଟଙ୍କା ପଠାଯାଇଛି। ପୂର୍ବ ଅପେକ୍ଷା ଚଳିତ ବର୍ଷ ଅଧିକ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ହୋଇଥିବା ଗଞ୍ଜାମ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ ସୂଚନା ଦେଇଛନ୍ତି। ୨୦୨୪/୨୫ ବର୍ଷରେ ୧ଲକ୍ଷ ୩୯ହଜାର ୮୮୪ ଜଣ ଚାଷୀଙ୍କ ଠାରୁ ୫୮ ଲକ୍ଷ ୮୦ହଜାର ୮୫୪ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଜିଲ୍ଲାରେ ୫୦୫ଟି ମଣ୍ଡିରୁ ଧାନ କିଣା ଜାରି ରହିଛି। ୩୭୧ଟି ସୋସାଇଟି, ୧୩୩ଟି ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗୋଟିଏ ପାଣି ପଞ୍ଚାୟତ ଜରିଆରେ ଧାନ କିଣା ପ୍ରକ୍ରିୟା କରାଯାଉଛି। ଜିଲାରେ ଚାରୋଟି ପର୍ଯ୍ୟାୟରେ ୫୬ଲକ୍ଷ ୬ହଜାର କ୍ୱିଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ଆସିଛି, ଏହା ଆଗକୁ ମଧ୍ୟ ଆହୁରି ଟାର୍ଗେଟ ଆସିବ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି।

**ବିକ୍ରି ଅପେକ୍ଷାରେ ୧୩ ହଜାର ଚାଷୀ**

ସେହିପରି ୧ଲକ୍ଷ ୬୭ ହଜାର ୩୬୦ଟି ଟୋକନ ଆସିଥିବା ବେଳେ ୧ଲକ୍ଷ ୫୬ହଜାର ୨୮୨ ଟୋକେନରୁ ଧାନ ସଂଗ୍ରହ ହୋଇଥିବା ବେଳେ ୧୦ହଜାର ୩୩୯ଟି ଟୋକନ ଏବେ ଏକ୍ଟିଭ ରହିଥିବା ବେଳେ ଏବେବି ଧାନ ବିକ୍ରି ପାଇଁ ୧୩ ହଜାର ୫୧ ଜଣ ଚାଷୀ ଅପେକ୍ଷାରେ ରହିଛନ୍ତି। କିଛି ଚାଷୀଙ୍କ ଟୋକନ ସମୟସୀମା ସରିଯାଇଥିବା ସୂଚନା ମିଳିଛି। ଧାନ କିଣା ସମୟରେ ଯେଉଁ ସାଟେଲାଇଟ ସର୍ଭେ କରାଯାଉଥିବା ସରିବା ପରେ କିଛି ଚାଷୀ ଧାନ କିଣାରେ ବାଦ ପଡିଥିବା ବେଳେ କେଉଁ ଅଂଚଳରୁ କେତେ ସଂଖ୍ୟାକ ଚାଷୀ ବାଦ ପଡିଛନ୍ତି ତାହା ସଠିକ ସୂଚନା ମିଳିପାରିନାହିଁ। ସେମାନେ ପଞ୍ଜୀକରଣ ସମୟରେ ଭୁଲ୍ ତଥ୍ୟ ଦର୍ଶାଇ ଧାନ ଚାଷ ହୋଇଥିବା ନେଇ ପଞ୍ଜୀକରଣ କରିଥିଲେ। କିନ୍ତୁ ସର୍ଭେପରେ କିଛି ସ୍ଥାନରେ ଧାନ ଚାଷ ହୋଇନଥିବା ସାଟେଲାଇଟ ସର୍ଭେ ପରେ ତାହା ଚିହ୍ନଟ ହୋଇଥିବା ସମବାୟ ବିଭାଗ ପକ୍ଷରୁ ସୂଚନା ମିଳିଛି। ୨୦୨୪/୨୫ ବର୍ଷରେ ୧ଲକ୍ଷ ୪୬ ହଜାର ୫୦୪ ଜଣ ଚାଷୀ ପଞ୍ଜୀକରଣ କରିଥିବା ବେଳେ ସାଟେଲାଇଟ ସର୍ଭେପରେ ୧ଲକ୍ଷ ୪୪ ହଜାର ୬୮୪ ଜଣ ଚାଷୀ ସରକାରୀ ମଣ୍ଡିରେ ବିକ୍ରି ପାଇଁ ଯୋଗ୍ୟ ହୋଇଥିବା ବେଳେ ୧ଲକ୍ଷ ୩୯ହଜାର ୮୮୪ ଜଣଙ୍କ ଚାଷୀଙ୍କ ଠାରୁ ୫୮ଲକ୍ଷ ୮୦ହଜାର ୮୫୪.୫୨ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିଲା।

# ପୀତବାସ ହତ୍ୟା ମାମଲା; ୯ରେ ପରବର୍ତ୍ତୀ ଶୁଣାଣି

- ଟ୍ରଙ୍କରେ ଯେମିତି କପି ଆଣିଥିଲା, ସେମିତି ଫେରାଇ ନେଲା ପୁଲିସ
- ୫ରେ ପୁଣି ସମସ୍ତ ସ୍ୱଚ୍ଛ କପି ଦାଖଲ କରିବାକୁ କୋର୍ଟଙ୍କ ନିର୍ଦ୍ଦେଶ
- ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଦ୍ୱାରା ମଦନ ଦଲେଇଙ୍କ ଚିକିତ୍ସା
- ଏମ୍‌କେସିଜିରେ ବିକ୍ରମ ଓ ମଳୟଙ୍କ ଚିକିତ୍ସା ଜାରି
- ହାଇକୋର୍ଟରେ ବିକ୍ରମଙ୍କ ଜାମିନ ଆବେଦନର ଶୁଣାଣି ଆଜି

ବ୍ରହ୍ମପୁର,୨୪।୨(ସମିସ): ସ୍ଥାନୀୟ ଏଡିଜେ-୩ଙ୍କ କୋର୍ଟରେ ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାର ୫ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ରହିଥିଲା। ସମସ୍ତ ଅଭିଯୁକ୍ତ କୋର୍ଟରେ ହାଜର ହୋଇ ନଥିବାରୁ ଚାର୍ଜଫ୍ରେମ ସମ୍ଭବପର ନୁହେଁ। ଏଣୁ ଚାର୍ଜଫ୍ରେମ ପରେ ହିଁ ବିଚାରଣା ଆରମ୍ଭ ହୋଇପାରିବ। ଫଳରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ସହିତ ୫ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଆସନ୍ତା ମାର୍ଚ୍ଚ ୯କୁ ଧାର୍ଯ୍ୟ କରାଯାଇଛି।

ସେପଟେ ମାମଲାରେ ପୁଲିସର ଟ୍ରଙ୍କ ଡ୍ରାମା ଜାରି ରହିଥିବା ବେଳେ ଆଜି ଏହାକୁ ନେଇ ପୁଲିସକୁ କୋର୍ଟରେ ଅପଦସ୍ତ ହେବାକୁ ପଡ଼ିଛି। ପ୍ରାଥମିକ ଚାର୍ଜସିଟ ଦାଖଲ ବେଳେ ପୁଲିସ ଯେଉଁଳି ଦୁଇଟି ଟ୍ରଙ୍କରେ ନଥିପତ୍ର ଆଣିଥିଲା ଅନୁରୂପ ଭାବେ ଆଜି ମଧ୍ୟ ଅନ୍ୟ ଏକ ଟ୍ରଙ୍କରେ ବିଭିନ୍ନ କପି ଆଣି କୋର୍ଟରେ ଦାଖଲ କରିଥିଲା ପୁଲିସ। ତେବେ କପି ଗୁଡିକ ସଠିକ ଭାବେ ଦୃଶ୍ୟମାନ ହେଉନଥିବା ନେଇ ଅଭିଯୁକ୍ତଙ୍କ ଓକିଲ ଅଭିଯୋଗ କରିବା ପରେ ପୁଲିସ ସେଗୁଡିକୁ ଫେରାଇ ନେବାକୁ ବାଧ ହୋଇଥିଲା ଏବଂ ଆସନ୍ତା ମାର୍ଚ୍ଚ ୫ ସୁଦ୍ଧା ସମସ୍ତ ସ୍ୱଚ୍ଛ କପି କୋର୍ଟରେ ଦାଖଲ କରିବାକୁ ମାନ୍ୟବର କୋର୍ଟ ପୁଲିସକୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

ପୀତବାସ ପଣ୍ଡା ହତ୍ୟା ମାମଲାରେ ଦିନ ଗଡୁଥିବା ବେଳେ ବିଭିନ୍ନ କାରଣରୁ ଅଭିଯୁକ୍ତଙ୍କ ଚାର୍ଜଫ୍ରେମ ନହୋଇ ବିଚାରଣା ଆରମ୍ଭ ହୋଇପାରୁନାହିଁ। ଏହି ମାମଲାର ପ୍ରଥମେ ଶୁଣାଣି ଚଳିତମାସ ୨ରେ ଧାର୍ଯ୍ୟ ହୋଇଥିବା ବେଳେ ଉକ୍ତଦିନ ପିଣ୍ଟୁ ଦାଶଙ୍କ ସମେତ ମୋଟ ୧୫ଜଣ ଅଭିଯୁକ୍ତ କୋର୍ଟରେ ହାଜର ହୋଇଥିଲେ ହେଁ ଆଇନଜୀବୀ ମଦନ ଦଳାଇ ସ୍ୱାସ୍ଥ୍ୟଗତ କାରଣରୁ ଅନୁପସ୍ଥିତ ଥିଲେ। ଦ୍ୱିତୀୟ ଥର ଅର୍ଥାତ୍ ୬ ତାରିଖରେ ମଦନ ବ୍ୟକ୍ତିଗତ ଭାବେ କୋର୍ଟରେ ହଜାର ହୋଇଥିବା ବେଳେ ଅନ୍ୟ ସମସ୍ତ ଅଭିଯୁକ୍ତ ଜେଲରୁ ଭିସି ଯୋଗେ ହାଜର ହୋଇ ମାମଲାର କମିଟ୍‌ମେଣ୍ଟ ହୋଇ ଜିଲ୍ଲା କୋର୍ଟରୁ ଅତିରିକ୍ତ ଜିଲ୍ଲା ଦୌରାଜଜ ତୃତୀୟଙ୍କ କୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୧୦ତାରିଖରେ କେବଳ ଜାମିନ ଶୁଣାଣି ହେବା ସହ ମାମଲାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ରାଜେନ୍ଦ୍ର ସାହୁଙ୍କୁ କୋର୍ଟ ଜାମିନ ପ୍ରଦାନ କରିଥିବା ବେଳେ ଶୂନ୍ୟ ଚନ୍ଦ୍ର ଦାସଙ୍କ ଜାମିନ ଖାରଜ ହୋଇଥିଲା।

ଅନୁରୂପ ଭାବେ ଚତୁର୍ଥ ଥର ଅର୍ଥାତ୍ ୧୭ତାରିଖରେ ବିକ୍ରମ ପଣ୍ଡା ଓ ମଳୟ ବିଷୋୟୀଙ୍କୁ ବାଦ ଦେଇ ଅନ୍ୟ ସମସ୍ତ ଅଭିଯୁକ୍ତ ଭିସିରେ ହାଜର ହୋଇଥିଲେ। ଏହାପରେ ଆଜି ଏହି ମାମଲାରେ ବିକ୍ରମ ପଣ୍ଡା, ମଦନ ଦଳେଇ ଓ ମଳୟ ବିଷୋୟୀଙ୍କୁ ବାଦ୍ ଦେଇ ଅନ୍ୟ ୧୩ଜଣ ଅଭିଯୁକ୍ତ ଭିସିରେ ହାଜର ହୋଇଥିଲେ। ପୁଲିସ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ଅନେକ ତଥ୍ୟ ଓ ପ୍ରମାଣ କପିରେ ଅଭାବ ଥିବା ଦର୍ଶାଇ ଅଭିଯୁକ୍ତଙ୍କ ଓକିଲ ସ୍ୱଚ୍ଛ କପି ପାଇଁ ପିଟିସନ ଦାଖଲ କରିଥିଲେ। କୋର୍ଟଙ୍କ ନିର୍ଦ୍ଦେଶରେ ପୁଲିସ ଆଜି ପୁଣି ଏକ ଟ୍ରଙ୍କରେ ବିଭିନ୍ନ ତଥ୍ୟ ଓ ପ୍ରମାଣର କପିକୁ ଅଣାଯାଇଥିଲା। କିନ୍ତୁ ଏଥର ମଧ୍ୟ କପିଗୁଡ଼ିକ ପୂର୍ବ ଭଳି ଦୃଶ୍ୟମାନ ନଥିବା ଅଭିଯୁକ୍ତଙ୍କ ଓକିଲ କୋର୍ଟରେ ଅଭିଯୋଗ କରିଥିଲେ। ପୁଣି ଭଲ କପି ପ୍ରଦାନ କରିବାକୁ କୋର୍ଟକୁ ଅନୁରୋଧ କରିଥିଲେ। ଫଳରେ କୋର୍ଟ ପୁଲିସକୁ ଆସନ୍ତା ୫ତାରିଖରେ ସ୍ୱଚ୍ଛ ତଥା ଦୃଶ୍ୟମାନ କପି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଏହି ମାମଲାରେ ଜବତ ଫଟୋ, ପେନ୍‌ଡ୍ରାଇଭ, ସିସିଟିଭି କପି ଅଭିଯୁକ୍ତଙ୍କ ଓକିଲଙ୍କୁ ପ୍ରଦାନ କରାଯାଇନାହିଁ। ତେଣୁ ମାମଲାର କିଭଳି ଶୁଣାଣି ଆରମ୍ଭ ହେବ ବୋଲି ଅଭିଯୁକ୍ତଙ୍କ ଓକିଲ ଚକ୍ରପାଣି ନାହାକ ପ୍ରଶ୍ନ କରିଥିଲେ। ସେପଟେ ଆଜି ୫ଜଣଙ୍କ ଜାମିନ ଆବେଦନ ନେଇ ଶୁଣାଣି ରହିଥିବା ବେଳେ କପିରେ ସମସ୍ୟା ଯୋଗୁ ଶୁଣାଣି ଆସନ୍ତା ୯କୁ ଘୁଞ୍ଚିଥିବା ସ୍ୱତନ୍ତ୍ର ସରକାରୀ ଓକିଲ କାଳିପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ଆସନ୍ତା ୫ତାରିଖ ସୁଦ୍ଧା ପୁଲିସ କୋର୍ଟରେ ତଥ୍ୟ ପ୍ରମାଣର କପି ଦେବାକୁ ଦିନ ଧାର୍ଯ୍ୟ ହୋଇଥିବା ବେଳେ ଫଟୋ, ପେନଡ୍ରାଇଭ ସହ ସିସିଟିଭି କ୍ୟାମେରାର କପି ଫରେନସିକ୍ ଲାବ୍‌କୁ ପରୀକ୍ଷା ପାଇଁ ପଠାଇ ଦିଆଯାଇଛି। ତେବେ ୫ତାରିଖରେ ପୁଲିସ କ'ଣ ସବୁ କୋର୍ଟରେ ଦାଖଲ କରୁଛି ତାହା ଉପରେ ମାମଲାର ପରବର୍ତ୍ତୀ ବିଚାରଣା ନିର୍ଭର କରୁଛି ବୋଲି ଅଭିଯୁକ୍ତଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି।

ସେପଟେ ଆଜି ମେଡ଼ିକାଲରେ ମଦନ ଦଳାଇଙ୍କୁ ଚିକିତ୍ସା କଲେ ସ୍ୱତନ୍ତ୍ର ଡାକ୍ତରୀ ଟିମ୍। ମଳୟ ଆଇସିୟୁରେ ଭର୍ତ୍ତି ହୋଇଥିବା ବେଳେ ବିକ୍ରମଙ୍କ ଚିକିତ୍ସା ଜାରି ରହିଛି। ବୁଧବାର ହାଇକୋର୍ଟରେ ବିକ୍ରମଙ୍କର ଜାମିନ ଆବେଦନ ଶୁଣାଣି ରହିଛି। ଯାହା ଉପରେ ରହିଛି ସମସ୍ତଙ୍କ ନଜର। ହାଇକୋର୍ଟରେ ବିକ୍ରମଙ୍କ ଜାମିନ ଆବେଦନର ଶୁଣାଣି ଥିବାରୁ ପୁଲିସ ଏଭଳି ଟ୍ରଙ୍କ ଡ୍ରାମା କରୁଥିବା ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

## ଗଞ୍ଜାମରେ ହାଲୁକା ବର୍ଷା

ବ୍ରହ୍ମପୁର,୨୪।୨(ସମିସ): ଗଞ୍ଜାମ ଜିଲ୍ଲାର ବିଭିନ୍ନ ସ୍ଥାନରେ ମଙ୍ଗଳବାର ହାଲୁକା ବର୍ଷା ହୋଇଛି। ଦିନ ତମାମତ ଖରା ଅନୁଭୂତ ହୋଇଥିବା ବେଳେ ଅପରାହ୍ନରେ ହାଲୁକା ବର୍ଷା ଦେଖିବାକୁ ମିଳିଥିଲା। ବର୍ଷା ପରେ ସମ୍ପ୍ରତି ପାଗ ମେଘୁଆ ରହିଛି। କିଛି ସମୟ ପର୍ଯ୍ୟନ୍ତ ସାମାନ୍ୟ ଘଡ଼ଘଡ଼ି ମଧ୍ୟ ଅନୁଭୂତ ହୋଇଛି। ବର୍ଷା ସମ୍ଭାବନା ନେଇ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ୨୦୨୬ମସିହାର ଏହା ପ୍ରଥମ ବର୍ଷା ବୋଲି କୁହାଯାଉଛି। ମାତ୍ର ଚାଷୀଙ୍କ ପାଇଁ ଏହି ଅଦିନିଆ ବର୍ଷା ଦାଉ ସାଧିଛି। ବିଭିନ୍ନ ସ୍ଥାନରେ ମଣ୍ଡିରେ ଧାନ ପଡ଼ିଥିବାବେଳେ ମୁଗ ଚାଷ ଏହି ବର୍ଷାଦ୍ୱାରା ପ୍ରଭାବିତ ହେବା ଆଶଙ୍କା ରହିଛି।

## ବିରଳ ଆଲ୍‌ବିନୋ କମନ ଉଲ୍‌ଫ(ଚିତି) ସାପ ଉଦ୍ଧାର

ବ୍ରହ୍ମପୁର,୨୪।୨(ସମିସ): ସୋମବାର ବିଳମ୍ବିତ ରାତିରେ ବିଜିପୁର ରଥ ସାହିରୁ ଏକ ବିରଳ ସାପକୁ ସ୍ନେକ ହେଲ୍ପ ଲାଇନ୍ ସଂଯୋଜକ ସ୍ୱାଧୀନ ସାହୁ ଉଦ୍ଧାର କରିଛନ୍ତି। ମଙ୍ଗଳବାର ଡିଏଫ୍‌ଓ ସନି ଖୋଖରଙ୍କ ପରାମର୍ଶକ୍ରମେ ସାପଟିକୁ ସଂରକ୍ଷିତ ଜଙ୍ଗଲରେ ଛଡ଼ାଯାଇଛି। ସୂଚନା ମୁତାବକ, ସୋମବାର ରାତିରେ ରଥ ସାହିର ନଳୀନି ପଣ୍ଡାଙ୍କ ଘର ବାଡ଼ିରେ ପାଚେରି ଉପରେ ସାପଟି ଥିବା ପରିବାର ସଦସ୍ୟ ଦେଖିଥିଲେ। ଉଦ୍ଧାର କରିବାକୁ ସ୍ନେକ ହେଲ୍ପ ଲାଇନକୁ ଯୋଗାଯୋଗ କରିଥିଲେ। ସ୍ୱାଧୀନ ସେଠାରେ ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। କିନ୍ତୁ ସାପଟି ଦେଖିବାକୁ ପୁରା



ଭିନ୍ନ ଥିଲା। ସାପଟିର ଶରୀର ରଙ୍ଗ ପୁରା ଧଳା ଥିବାବେଳେ ଆଖି ଦୁଇଟି ଦେଖିବାକୁ ଲାଲ। ଏନେଇ ସ୍ୱାଧୀନ କହିଛନ୍ତି, ଏହା କମନ ଉଲଫ୍(ଚିତି) ସାପ। କିନ୍ତୁ ଆଲବିନୋ। ସହରରେ ସବୁଠି ଏହି ପ୍ରଜାତିର ଚିତି ସାପ ମିଳୁଛି। କିନ୍ତୁ ଆଲବିନୋ ମିଳିବା ବିରଳ। ସାପଟି ଅଣ୍ଡାରେ ରହିଥିବା ସମୟରେ ଏକ ନିର୍ଦ୍ଦିଷ୍ଟ ରୋଗ କାରଣରୁ ଏହି ପରି ଧଳା ରଙ୍ଗ ହୋଇଥାଏ। ସାପଟିର ଲମ୍ବ ପାଖାପାଖି ୨ଫୁଟ ରହିଥିବା ସେ କହିଛନ୍ତି।

## ପୁଲିସକୁ ଭୟ କରୁନାହାନ୍ତି ଦୁର୍ବୃତ୍ତ

ବ୍ରହ୍ମପୁର,୨୪।୨(ସମିସ): ପୁଲିସକୁ ଜମାରୁ ଭୟ କରୁନାହାନ୍ତି ଦୁର୍ବୃତ୍ତ। ରୋଡ଼ ମଝିରେ ବାଇକ ରାଲି କରି ହୋହଲ୍ଲା କରିଯାଉଥିବା ବେଳେ ପୁଲିସକୁ ମଧ୍ୟ ଆକ୍ରମଣ କରୁଥିବା ପୂର୍ବରୁ ନଜିର ରହିଛି। ଗତକାଲି ରାତିରେ ଗୋପାଳପୁର ଥାନା ଅନ୍ତର୍ଗତ କରାପଲ୍ଲୀ ଛକରେ ପୁଲିସ ପେଟ୍ରୋଲିଂ ବେଳେ ଥାନା ଅଧିକାରୀଙ୍କ ଗାଡ଼ିକୁ ପଛପଟୁ ପଇଡ଼ ଫିଙ୍ଗିଥିଲେ ଦୁର୍ବୃତ୍ତ। ଏଭଳି ଘଟଣା ପୁଲିସ ପ୍ରତି ଭୟ ନଥିବା ଦର୍ଶାଉଛି। ସେହିଭଳି ଗତ କିଛିଦିନ ପୂର୍ବେ ଆଙ୍କୁଲିରେ ରହୁଥିବା ମଦ ବ୍ୟବସାୟୀ ନାରାୟଣ ସାହୁଙ୍କ ଘରେ ପୁଲିସ ଚଢ଼ଉ କରିଥିଲା। ଚଢ଼ଉ ବେଳେ ନାରାୟଣଙ୍କ ସ୍ତ୍ରୀ' ସ୍ୱାତୀ ଥାନାଧିକାରୀ ସୁଚିତ୍ରା ପରିଡ଼ା ଓ ତାଙ୍କ ଟିମ୍‌କୁ ଦୁର୍ବ୍ୟବହାର କରିଥିଲେ। ଏପରିକି ଘର ଭିତର ନଛାଡ଼ି ନାନା ପ୍ରକାର ଧମକଚମକ ଦେଇଥିଲେ। ଏଭଳି ଭାବେ ଦୁର୍ବୃତ୍ତମାନେ ଖଣ୍ଡା ଧରି ରୋଡ଼ ମଝିରେ ଯାତାୟାତ ଲୋକଙ୍କୁ ଟଙ୍କା ମାଗୁଛନ୍ତି। ନ ଦେଲେ ଆକ୍ରମଣ କରୁଛନ୍ତି। ପୁଲିସକୁ ଖୋଲା ଚାଲେଞ୍ଜ ଦେଇ ଦୁର୍ବୃତ୍ତମାନେ ଗୋଟିଏ ପରେ ଗୋଟିଏ କାଣ୍ଡ କରିଚାଲିଛନ୍ତି। ଦୁର୍ବୃତ୍ତଙ୍କ ଏଭଳି କାର୍ଯ୍ୟକୁ ଦେଖି ଲୋକେ କହିଲେଣି ପୁଲିସକୁ ଆଉ ଭୟ କରୁ ନାହାନ୍ତି ଦୁର୍ବୃତ୍ତମାନେ। ଏଣୁ ଏମାନଙ୍କ ପ୍ରତି ପୁଲିସ କଠୋର ହେବା ଆବଶ୍ୟକତା ରହିଛି ବୋଲି ବିଭିନ୍ନ ମହଲରେ ମତପ୍ରକାଶ ପାଇଛି।

## ଆଇଆଇସିଙ୍କ ଗାଡ଼ିକୁ ପଇଡ଼ ମାଡ଼ ଘଟଣା; ଅଭିଯୁକ୍ତ ଗିରଫ

ବ୍ରହ୍ମପୁର,୨୪।୨(ସମିସ): ଗୋପାଳପୁର ଥାନା ଅଧିକାରୀଙ୍କ ଗାଡ଼ି ଉପରକୁ ପଇଡ଼ ମାଡ କରିଥିବା ଅଭିଯୁକ୍ତକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲେ କରାପଲ୍ଲୀ ବଡ଼ସାହିର ଏନ୍. ତ୍ରିନାଥ ରେଡ୍ଡି। ସୂଚନା ପ୍ରକାରେ କରାପଲ୍ଲୀ ଛକରେ ତ୍ରିନାଥ ଦେଶୀମଦ ଦୋକାନ ନିକଟ ରାସ୍ତା ଉପରେ ନିଜ ସ୍କୁଟି ରଖିଥିଲେ। ଫଳରେ ଯାତାୟତରେ ସମସ୍ୟା ସୃଷ୍ଟି ହୋଇଥିଲା। ପାଟ୍ରୋଲିଂ ସମୟରେ ଗାଡ଼ିଟି ରାସ୍ତା ଉପରେ ରହିଥିବାରୁ ପୁଲିସ ଗାଡ଼ିର ଫଟୋ ଉଠାଇଥିଲା। ସେହି ସମୟରେ ଗୋପାଳପୁର ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା ପହଞ୍ଚି ରାସ୍ତା ଉପରେ ଯାନବାହନ ନ ରଖିବାକୁ ତାଗିଦ କରି ଫେରୁଥିବା ବେଳେ ଅଭିଯୁକ୍ତ ତ୍ରିନାଥ ରାଗିଯାଇ ପଇଡ଼ ମାରିବାରୁ ପୁଲିସ ଗାଡ଼ିର ପଛ ଗ୍ଲାସ ଭାଙ୍ଗି ଯାଇଥିଲା। ତଦନ୍ତ ପରେ ଅଭିଯୁକ୍ତକୁ ଥାନାକୁ ଆଣି ପଚରାଉଚରା ପରେ ସେ ଦୋଷ ସ୍ୱୀକାର କରିବା ପରେ ଏକ ମାମଲା (ନଂ.୯୭/୨୬) ରୁଜୁ କରି ଆଜି କୋର୍ଟ ଚାଲାଣ କରିଥିବା ବେଳେ ଏକ ସ୍କୁଟିକୁ ଜବତ କରିଥିବା ଥାନା ଅଧିକାରୀ ସତ୍ୟ ରଞ୍ଜନ ଲେଙ୍କା ସୂଚନା ଦେଇଛନ୍ତି।

## ଦୁଇ ଚୋର ଗିରଫ; ବ୍ୟାଟେରି ଜବତ

ବ୍ରହ୍ମପୁର,୨୪।୨(ସମିସ): ନିମଖଣ୍ଡି ପୁଲିସ ଦୁଇଜଣ ଚୋରଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ଭାବିନିପୁର ଗ୍ରାମର ରବି ଗୌଡ଼ (୨୨) ଏବଂ ସୁମନ ସେଠୀ (୧୮)। ଚୋରି ହୋଇଥିବା ବ୍ୟାଟେରି



ପୁଲିସ ସେମାନଙ୍କ ନିକଟରୁ ଜବତ କରିଛି। ତଦନ୍ତ ସମୟରେ ପୁଲିସ ଘଟଣାସ୍ଥଳ ପରିଦର୍ଶନ କରି ସିସିଟିଭି ଫୁଟେଜ୍ ଯାଞ୍ଚବେଳେ ଦୁଇଜଣ ଯୁବକ ବ୍ୟାଟେରି ଲକ୍ ଭାଙ୍ଗି ଚୋରି କରିଥିବା ଜଣାପଡ଼ିଥିଲା। ଅପରାଧୀ ରେକର୍ଡ ଯାଞ୍ଚ କରି ସେମାନଙ୍କୁ ଚିହ୍ନଟ କରାଯାଇଥିଲା। ଜେରା ସମୟରେ ଅଭିଯୁକ୍ତମାନେ ଚୋରି କରିଥିବା ସ୍ୱୀକାର କରିଥିଲେ। ମାମଲା ନଂ.୪୬/୨୬ରେ ଉଭୟ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। ପ୍ରକାଶଯେ, ଚନ୍ଦନ କୁମାର ସାହୁ ଗତ ୧୮ ତାରିଖ ରାତିରେ ତାଙ୍କ ଘର ସମ୍ମୁଖରେ ଅଟୋ ପାର୍କିଂ କରିଥିଲେ। ପରଦିନ ସକାଳୁ ଉଠି ଦେଖିବା ବେଳକୁ ବ୍ୟାଟେରିକୁ କେହି ଦୁର୍ବୃତ୍ତ ଚୋରି କରିନେଇଛି। ଏନେଇ ସେ ଥାନାରେ ଅଭିଯୋଗ କରିଥିଲେ।

## ନବୀକରଣ ହେବ ଗ୍ରାମଦେବତୀଙ୍କ ମନ୍ଦିର

ବ୍ରହ୍ମପୁର,୨୪।୨(ସମିସ): ସ୍ଥାନୀୟ ଗ୍ରାମଦେବତୀ ସାହି ସ୍ଥିତ ମା' ଗ୍ରାମଦେବତି, ଶ୍ରୀ ଉଦୟେଶ୍ୱର ମହାଦେବ ଓ ଶ୍ରୀ ସନ୍ତୋଷୀ ମା'ଙ୍କ ଜୀର୍ଣ୍ଣ ମନ୍ଦିରର ନବୀକରଣ ନିମନ୍ତେ ପୂଜାଅର୍ଚ୍ଚନା କରାଯାଇଛି। ପଣ୍ଡିତ ଅଶୋକ ପାଢ଼ୀଙ୍କ ଦ୍ୱାରା ରୀତିନୀତି ଅନୁସାରେ ସମସ୍ତ



ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଛି। ଆସନ୍ତ ନବରାତ୍ରୀ ମଧ୍ୟରେ ମନ୍ଦିରର ନବୀକରଣ କାର୍ଯ୍ୟ ଶେଷ କରିବାକୁ କମିଟି ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ନବୀକରଣ କାର୍ଯ୍ୟ ମଧ୍ୟରେ ମନ୍ଦିର ପରିସରରେ ଭକ୍ତ ପାଇଁ ଦର୍ଶନ ମଣ୍ଡପ, ପୂଜା ମଣ୍ଡପ, ମା'ଙ୍କ ଜାନୀ ଯାତ୍ରା ପାଇଁ ଏକ ଯାତ୍ରା ମଣ୍ଡପ, ପ୍ରସାଦ ପ୍ରସ୍ତୁତି ନିମନ୍ତେ ପାକଶାଳା ଓ ପ୍ରସାଦ ସେବନ ପାଇଁ ମଣ୍ଡପ ଏବଂ ଭଣ୍ଡାର ଗୃହ ସମେତ କାର୍ଯ୍ୟାଳୟ ଗୃହ ନିର୍ମାଣ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିନିମନ୍ତେ ବ୍ରହ୍ମପୁର ବିଧାୟକଙ୍କ ହାତ ପାଣ୍ଠିରୁ ୨୦ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ମା' ଗ୍ରାମଦେବତୀ ମନ୍ଦିର ଡେଭଲପମେଣ୍ଟ ଟ୍ରଷ୍ଟ ପକ୍ଷରୁ କୁହାଯାଇଛି। କାର୍ଯ୍ୟକ୍ରମରେ ପରିଚାଳନା କମିଟ ସଭାପତି ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଅଶୋକ ଶୁକ୍ଲା, କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର କୁମାର ରାୟଗୁରୁ, ଉପସଭାପତି ଦେବହରୀ ସାହୁ, ଚଚ୍ଚିଦାନନ୍ଦ ସାହୁ, ଚିତରଞ୍ଜନ ସାହୁ, ସମ୍ପାଦକ ଅଜୟ କୁମାର ସାହୁ, ଯୁଗ୍ମ ସମ୍ପାଦକ କିଶୋର ଚନ୍ଦ୍ର ବେହେରା, ଦିଲ୍ଲିପ ପାଣିଗ୍ରାହି ଓ ପ୍ରଫୁଲ୍ଲ କୁମାର ପାଣିଙ୍କ ସମେତ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ।

## ଭାଗ ଚାଷୀଙ୍କ ଅଧିକାର ସୁରକ୍ଷା ଦାବିରେ ଗଣଧାରଣା



ବ୍ରହ୍ମପୁର,୨୪।୨(ସମିସ): ଓଡ଼ିଶା କୃଷକ ସଭା ପକ୍ଷରୁ ବେଆଇନ ଭାବେ ପଟ୍ଟା ଦେବାରେ ତଦନ୍ତ କରିବା ଓ ଭାଗ ଚାଷୀଙ୍କ ଅଧିକାର ସୁରକ୍ଷା ଦାବି ନେଇ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦିଆଯାଇଛି। ଓଡିଶା କୃଷକ ସଭା ଜିଲ୍ଲା ସଭାପତି ପି. ହରିକୃଷ୍ଣ ରେଡ୍ଡୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ସ୍ମାରକପତ୍ର ପ୍ରଦାନ କରିଥିଲେ।

ଅନୁଷ୍ଠିତ ଗଣଧାରଣାରେ ଜିଲ୍ଲାର ବରିଷ୍ଠ କୃଷକ ନେତା କୈଳାଶ ଷଡ଼ଙ୍ଗୀ, ଜିଲ୍ଲା ସମ୍ପାଦକ ପି. ଶିବ ଶଙ୍କର, ଗୋପାଳ କୃଷ୍ଣ ପାଣିଗ୍ରାହି, ଯୋଗେଶ ଚନ୍ଦ୍ର ସାହୁ, ବିଦ୍ୟାଧର ଜେନା, ଜିଲ୍ଲା କମିଟି ସଭ୍ୟ କୁରେସୁ ପଣ୍ଡା, ସୁଶାନ୍ତ ଷଡ଼ଙ୍ଗୀ, ଶଶୀ ରଥ, ବିଜୟ ବିଷୋୟୀ, ମଙ୍ଗଳା ଡାକୁଆ ଓ ବାବୁଲା ନାୟକଙ୍କ ସମେତ ବହୁ ଭାଗ ଚାଷୀ ଉପସ୍ଥିତ ଥିଲେ।

## ଚାଚା ନେହରୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବ୍ରହ୍ମପୁର,୨୪।୨(ସମିସ): ସ୍ଥାନୀୟ ଚାଚା ନେହେରୁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୬୬ତମ ବର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ରାଜେଶ୍ୱରୀ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷା ଅଧିକାରୀ ଦେବେନ୍ଦ୍ର କୁମାର ବେହେରା, ବିଶିଷ୍ଟ ଅତିଥି ଭାବେ କର୍ପୋରେଟର କାଦମ୍ବରୀ ଦାସ, ମୁଖ୍ୟବକ୍ତା ଭାବେ ରଙ୍ଗଇଲୁଣ୍ଡା ବ୍ଲକ ବିଆରସିସି ଜଗନ୍ନାଥ ଭୂୟାଁ, ସାମ୍ମାନିତ ଅତିଥି ଭାବେ ଚାଚା ନେହେରୁ କ୍ଲଷ୍ଟର ଆଞ୍ଚଳିକ ସଂଯୋଜକ ବାଙ୍କ ପ୍ରଧାନ, ବ୍ରହ୍ମପୁର ମହାନଗର ଶିକ୍ଷକ ସଂଘର ସଭାପତି ଗିରିଜା ଶଙ୍କର ପଣ୍ଡା, ଆଭାହକ ରାଜେଶ କୁମାର ତାରିଣୀ, ଉପସଭାପତି ବିଭୁତି ଭୂଷଣ ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।

ଏହି ଅବସରରେ ମୁଖପତ୍ର 'ଗୋଲାପ'ର ଉନ୍ମୋଚନ ସହ ପଞ୍ଚମ ଶ୍ରେଣୀର ବୃତ୍ତି ପରୀକ୍ଷାରେ ସଫଳତା ହାସଲ କରିଥିବା ଛାତ୍ରୀ ଏ. ମେଘେନା, ଓଏଭି ପ୍ରବେଶିକା ପରୀକ୍ଷାରେ ସଫଳତା ହାସଲ କରିଥିବା ଅଭିଷେକ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଅତିଥିମାନଙ୍କ ଦ୍ୱାରା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ସଚ୍ଚିଦାନନ୍ଦ ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସସ୍ମିତା ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

## ହନୁମାନ ପଇସା ଦେବା ନାଁରେ ଠକେଇ ମାମଲା; ୨ ଗିରଫ

ରଙ୍ଗେଇଲୁଣ୍ଡା,୨୪।୨(ସମିସ): ହନୁମାନ ପଇସା ଦେବା ନାଁରେ ୪୦ ଲକ୍ଷ ଟଙ୍କା ଠକେଇ କରିଥିବା ମାମଲାରେ ଗୋଳନ୍ଥରା ପୁଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଛତିଶଗଡ଼ ବାସନା ଥାନା ଅନ୍ତର୍ଗତ ବିତାଙ୍ଗିଲର ପୂଜା ପଟେଲ(୩୨) ଓରଫ କବିତା ଓରଫ କ୍ରିଷ୍ଣା ସାଓ ଏବଂ ଛତିଶଗଡ଼ ବାସନା ଥାନା ଅନ୍ତର୍ଗତ ଚିମରକାଲର ଠାକୁର ଓରଫ ପୀତାମ୍ବର ସାଗର (୫୮) ବୋଲି ପୁଲିସ ସୂଚନା ଦେଇଛି। ପୁଲିସ ସେମାନଙ୍କ ନିକଟରୁ ଏକ ଲକର ସମେତ ଏକ ମାଟିପାତ୍ର ସହ ୪ଟି ମୋବାଇଲ ଫୋନ୍ ଜବତ କରିଛି।

ଅଭିଯୋଗ ଅନୁଯାୟୀ, ବିଏନ୍‌ପୁର ଥାନା ଅନ୍ତର୍ଗତ ଅଶୋକନଗର ୩ୟ ଲେନ୍ ନିବାସୀ ରାମନାରାୟଣ ପୁରୋହିତ ଗତ ଜାନୁଆରୀ ୨୧ରେ ଗୋଳନ୍ଥରା ଥାନାରେ ହନୁମାନ ପଇସା ପାଇବା ଆଶାରେ ୪୦ ଟଙ୍କା ତାଙ୍କଠାରୁ ହଡ଼ପ କରାଯାଇଥିବା ଅଭିଯୋଗ କରିଥିଲେ। ପୁଲିସ ନଂ.୩୭/୨୬ ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଗତ ୨୦୨୫ ସେପ୍ଟେମ୍ବର ୧୫ରେ ଉଭୟ ଗିରଫ ଅଭିଯୁକ୍ତ ହଳଦିଆପଦର ଅଟୋନଗର ଛକଠାରେ ହନୁମାନ ପଇସା ଦେଖାଇ ଏହାକୁ ୪୦ ଲକ୍ଷ ଟଙ୍କା ବିନିମୟରେ ରାମନାରାୟଣକୁ ଦେବେ ବୋଲି କହିଥିଲେ। ଏହା ପୂର୍ବରୁ ରାମନାରାୟଣ ସୋସିଆଲ ମିଡ଼ିଆରେ ଅଭିଯୁକ୍ତଙ୍କ ସମ୍ପର୍କ ରେ ଆସିଥିଲେ। ଘଟଣା ପରେ ରାମନାରାୟଣ ଓ ତାଙ୍କର ଦୁଇ ସହଯୋଗୀଙ୍କ ସହ ମିଶି ନୂଆପଡ଼ାଠାରେ ଅଭିଯୁକ୍ତକୁ ୪୦ ଲକ୍ଷ ଦେଇ ସେମାନଙ୍କ ଠାରୁ ଏକ ଲକର ସେଥିରେ ମାଟିପାତ୍ର ପାଇଥିଲେ। ଅଭିଯୁକ୍ତମାନେ ଉକ୍ତ ଲକରକୁ ଘରକୁ ଯାଇ ଖୋଲିବାକୁ ପରାମର୍ଶ ଦେଇଥିଲେ। ରାମନାରାୟଣ ଘରକୁ ଫେରି ଲକର୍ ଖୋଲିବା ବେଳେ ସେଥିରେ କେବଳ ମାଟିପାତ୍ର ରହିଥିବା ବେଳେ ହନୁମାନ ପଇସା ନପାଇ ଠକେଇର ଶିକାର ହୋଇଥିବା ଜାଣିପାରିଥିଲେ। ପୁଲିସ ପକ୍ଷରୁ ଅଭିଯୁକ୍ତଙ୍କ ମୋବାଇଲ ଟ୍ରାକିଂ କରାଯାଇ ତଦନ୍ତ ଚାଲୁ ରହିଥିବା ବେଳେ ବ୍ରହ୍ମପୁର ଆସିଥିବା ଜଣାପଡ଼ିଥିଲା। ପୁଲିସ ବ୍ରହ୍ମପୁରରେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଆରମ୍ଭ ହେଲା ପ୍ରସିଦ୍ଧ ଝାମୀ ଯାତ୍ରା

ବ୍ରହ୍ମପୁର,୨୪।୨(ସମିସ): ସହରର ଅନ୍ୟତମ ପ୍ରସିଦ୍ଧ ଝାମୀ ଯାତ୍ରା ମଙ୍ଗଳବାର ଆରମ୍ଭ ହୋଇଛି। ପ୍ରତିବର୍ଷ ଭଳି ପାରମ୍ପରିକ ରୀତିନୀତି ଅନୁସାରେ ଉକ୍ତ ଯାତ୍ର ଆରମ୍ଭ ହୋଇଥିବା ବେଳେ ଦୋଳପୂର୍ଣ୍ଣିମା ଦିନ ଶେଷ ହେବ। ସକାଳରୁ ମାଆ ଏଲମା ଠାକୁରାଣୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ପରେ ମା'ଙ୍କ ମାଜଣା, ଅଭିଷେକ, ସକାଳ ଧୂପ, ଆଳତି ଓ



ମୁଆଁ ଭୋଗ ହୋଇଥିଲା। ମା'ଙ୍କ ବାପାଘର ଆଗାସାହିରୁ ଝାମୀ ମନ୍ଦିରକୁ ଆସି ମନ୍ଦିର ପରିକ୍ରମା କରାଯିବା ପରେ ମା'ଙ୍କୁ ସଚେତ କରାଯାଇଥିଲା। ଏହାପରେ ମନ୍ଦିର ପଛପଟେ ମା'ଙ୍କୁ ବାର୍ଷିକ ଭୋଗ ତଥା ପଡ଼ି ଭୋଗ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ସାଧାରଣ ପୂଜା ହେବା ସହ ଶ୍ରଦ୍ଧାଳୁଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ମାନସିକଧାରୀମାନେ ମନ୍ଦିର ଉପରକୁ ମୁଆଁ ଫୋପାଡ଼ି ଥିବା ସହ ମା'ଙ୍କୁ ରଙ୍ଗ ଚୁଡ଼ି ଓ କଳା ଶାଢ଼ି ଅର୍ପଣ କରିଥିଲେ। ଦର୍ଶନ ପାଇଁ ଯାତ୍ରା କମିଟି ପକ୍ଷରୁ ବିଶେଷ ପ୍ରସ୍ତୁତି କରାଯାଇଛି। ଶୃଙ୍ଖଳିତ ଦର୍ଶନ ପାଇଁ ମନ୍ଦିର ପରିସରରେ ବାଉଁଶରେ ବ୍ୟାରିକେଟ୍ କରାଯିବା ସହ ପୁଲିସ ସୁରକ୍ଷାରେ ନିୟୋଜିତ ରହିଥିଲେ। ପ୍ରାୟ ଦୁଇଶହ ବର୍ଷ ଧରି ଏହି ଯାତ୍ରା ସହରରେ ହୋଇ ଆସୁଥିବା ମୁଖ୍ୟ ସେବକ ସୁରେଶ କୁମାର ସାହୁ କହିଛନ୍ତି।

### ନେତା, ନୀତି ଓ ପ୍ରତିଶ୍ରୁତି ସବୁ ଶିଥିଳ

## ଛାତ୍ରନେତା ପାଇଁ ସାତସପନ ନିର୍ବାଚନ; କ୍ୟାମ୍ପସରେ ଅସନ୍ତୋଷ

ବ୍ରହ୍ମପୁର,୨୪।୨(ସମିସ): ରାଜ୍ୟର ଉଚ୍ଚଶିକ୍ଷା ପ୍ରତିଷ୍ଠାନ ଗୁଡିକରେ ଛାତ୍ର ସଂଘ ନିର୍ବାଚନ ଆୟୋଜନ ନେଇ ନୂତନ ସରକାର ଆସିବା ପରେ ଆଶା ଉଦ୍‌ଜୀବିତ ହୋଇଥିଲା। ଏନେଇ ନେତାମାନେ ଏ ସମ୍ପର୍କରେ ମତ ବି ରଖୁଥିଲେ। ଏହା ପରେ ବିଭିନ୍ନ ସମୟରେ ବିଭାଗୀୟ ମନ୍ତ୍ରୀ ମଧ୍ୟ ଛାତ୍ର ନିର୍ବାନଚ ସପକ୍ଷରେ ମତ ରଖୁଥିଲେ। ଇତିମଧ୍ୟରେ ବହୁ ମାସ ବିତିଯାଇଥିବା ବେଳେ ଛାତ୍ର ନେତାଙ୍କ ପାଇଁ ନିର୍ବାଚନ ସାତ ସପନ ହୋଇପଡ଼ିଛି। ନିର୍ବାଚନ ନେଇ ଅନେକଥର ଆଶ୍ୱାସନ ଦିଆଯାଇଥିବା ବେଳେ କୌଣସି ସ୍ପଷ୍ଟ ପଦକ୍ଷେପ ନେଉ ନଥିବାରୁ କ୍ୟାମ୍ପସଗୁଡିକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। ଦୀର୍ଘ ୭ବର୍ଷ ହେବ ଛାତ୍ର ସଂଘ ନିର୍ବାଚନ ବନ୍ଦ ରହିଛି। ନିର୍ବାଚନ ମାଧ୍ୟମରେ ଛାତ୍ରସମାଜ ନିଜର ପ୍ରତିନିଧି ବାଛିପାରେ ଏବଂ ପ୍ରଶାସନ ସମ୍ମୁଖରେ ନିଜ ଦାବି ଉପସ୍ଥାପନ କରିପାରୁନଥିବା ଛାତ୍ରମାନେ କହିଛନ୍ତି। କିନ୍ତୁ ନିର୍ବାଚନ ବନ୍ଦ ରହିବାରୁ ସେମାନେ ନିଜ ଅଧିକାରରୁ ବଞ୍ଚିତ ହେଉଛନ୍ତି। ସେହିପରି ହୋଷ୍ଟେଲ ସମସ୍ୟା, ଶିକ୍ଷା ଫି ବୃଦ୍ଧି, ପରୀକ୍ଷା ବ୍ୟବସ୍ଥାର ଅସୁବିଧା ଓ କ୍ୟାମ୍ପସ ସୁବିଧା ନେଇ ଅନେକ ଅଭିଯୋଗ ରହିଛି। କିନ୍ତୁ ଶିକ୍ଷାନୁଷ୍ଠାରେ ନିର୍ବାଚିତ ନେତା ନଥିବାରୁ ଉକ୍ତ ଦାବି ଗୁଡ଼ିକ କର୍ତ୍ତୃପକ୍ଷଙ୍କ ନିକଟରେ ଉପସ୍ଥାନ ହେଇପାରୁ ନାହିଁ। ସାଧାରଣଃ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସମେତ ସହରର ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଓ ଶଶିଭୂଷଣ ରଥ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ଭଳି ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅସନ୍ତୋଷ ବଢିବାରେ ଲାଗିଛି। କ୍ୟାମ୍ପସଗୁଡିକରେ ଆଲୋଚନା ସଭା, ପ୍ରତିବାଦ କାର୍ଯ୍ୟକ୍ରମ ଓ ସ୍ମାରକପତ୍ର ଦେବା ଭଳି କାର୍ଯ୍ୟକଳାପ ସଠିକ ଭାବେ ହୋଇ ପାରୁନାହିଁ। ତେଣୁ ବହୁ ଛାତ୍ର ସଂଗଠନ ସ୍ପଷ୍ଟ ରୋଡମ୍ୟାପ ଓ ନିର୍ବାଚନ ତାରିଖ ଘୋଷଣା ପାଇଁ ଦାବି ହୋଇଛି। ଅନ୍ୟପକ୍ଷରେ ସରକାରଙ୍କ ଦୋଷ ଦୁର୍ବଳତା ଓ ଅପରାଗତା ପଦାରେ ପଡ଼ିବା ସମ୍ଭାବନା ରହିଥିବାରୁ ଛାତ୍ର ସଂସଦ ନିର୍ବାଚନ କରାଯାଉନି ବୋଲି ଛାତ୍ରନେତାମାନେ କହିଛନ୍ତି। ଶିକ୍ଷାନୁଷ୍ଠାନରେ ନିର୍ବାଚିତ ପ୍ରତିନିଧିଙ୍କ ଜରିଆରେ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି, ଅବ୍ୟବସ୍ଥା ଶିକ୍ଷାଦାନ ଓ କ୍ୟାମ୍ପସରେ ଲାଗି ରହିଥିବା ଛାତ୍ରୀ ନିର୍ଯାତନା ଭଳି ବହୁ ସମସ୍ୟା ଦୂର ହୋଇପାରିଥାନ୍ତା। ତେଣୁ ଛାତ୍ରସଂଘର ନିର୍ବାଚନ ଘୋଷଣ କରିବାକୁ ଏଆଇଡ଼ିଏସଓ ଜିଲ୍ଲା ସଭାପତି ନିମାଇଁ ଚରଣ ସାହୁ ଦାବି କରିଛନ୍ତି। ଛାତ୍ର ସଂଘ ନିର୍ବାଚନ କେବଳ ନେତୃତ୍ୱ ଗଠନର ମାଧ୍ୟମ ନୁହେଁ। ଏହା ଗଣତାନ୍ତ୍ରିକ ପ୍ରକ୍ରିୟାର ପ୍ରାଥମିକ ପାଠଶାଳା ହେଇଥିବା ବେଳେ ଏହା ଦ୍ୱାରା ଭବିଷ୍ୟତର ନେତୃତ୍ୱ ଗଢ଼ି ଉଠିଥାଏ। ତେଣୁ ସରକାର ଏହାକୁ ଗୁରୁତ୍ୱ ସହ କରି ବିଚାର କରି ଶୀଘ୍ର ସ୍ପଷ୍ଟ ଘୋଷଣା କରିବାକୁ ଦାବି ହୋଇଛି। ଏଥିରେ ବିଳମ୍ବ କରାଗଲେ ଆନ୍ଦୋଳନର ପନ୍ଥାକୁ ଆପଣା ଯିବ ବୋଲି ସେ କହିଛନ୍ତି।

## ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର

# ଅବ୍ୟବସ୍ଥା ମଧ୍ୟରେ ଜିଲ୍ଲାରେ ଚାଲିଛି ସ୍ୱାସ୍ଥ୍ୟସେବା

ପାରଳାଖେମୁଣ୍ଡି,୨୪।୨(ସମିସ)

କେନ୍ଦ୍ର ସରକାରଙ୍କ ଆକାଂକ୍ଷା ଜିଲ୍ଲାର ମାନ୍ୟତା ପାଇଥିବା ଗଜପତିରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି । ସରକାରଙ୍କ ପକ୍ଷରୁ ସ୍ୱାସ୍ଥ୍ୟସେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି । ହେଲେ ଆଦିବାସୀ ଅଧ୍ୟୁଷିତ ଗଜପତି ଜିଲ୍ଲାରେ ଏହା ଉପହାସ ପାଲଟିଛି । ସରକାର ଓ ପ୍ରଶାସନ ଜିଲ୍ଲାବାସୀଙ୍କ ପ୍ରତି ଅଣଦେଖା କରୁଥିବା ଅଭିଯୋଗ ହେଉଛି । ଦୁଇ ଥର ଜିଲ୍ଲାକୁ ଗସ୍ତ କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ । ଡାକ୍ତରଙ୍କ ନିଯୁକ୍ତି ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବାରେ ଉନ୍ନତ ଆଣିବାକୁ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ନୂତନ ଡାକ୍ତର ନିଯୁକ୍ତି ତ ଦୂରର କଥା କାର୍ଯ୍ୟରତ ୬ ଜଣ ଡାକ୍ତରଙ୍କୁ ଏଠାରୁ ଅନ୍ୟତ୍ର ବଦଳି କରାଯାଇଛି । ଏଭଳି ସ୍ଥିତି ଯୋଗୁଁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଲାଣି । ଜିଲ୍ଲାର ଗ୍ରାମୀଣ କ୍ଷେତ୍ର ଠାରୁ ଆରମ୍ଭ କରି ସହରାଞ୍ଚଳ ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟର ଅବସ୍ଥା ଏପରିଥିବା ବେଳେ ବ୍ଲକ ଓ ପଞ୍ଚାୟତସ୍ତରରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର କିପରି ସ୍ଥିତିରେ ରହିଛି ତାହା ନ କହିବା ଭଲ । ବ୍ଲକ ଓ ପଞ୍ଚାୟତସ୍ତରରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ରରେ ବର୍ଷ ବର୍ଷ ଧରି ଖାଲି ପଡ଼ିଥିବା ଡାକ୍ତର ପଦ ପୂରଣ ହେଉନି । ଅଭିଜ୍ଞ ଡାକ୍ତରଙ୍କ ଅଭାବ ସାଙ୍ଗକୁ ଆବଶ୍ୟକ ଅନୁପାତରେ ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ମଧ୍ୟ ନାହାନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାହାନ୍ତି ବିଶେଷଜ୍ଞ ଡାକ୍ତର । ପାଖାପାଖି ବର୍ଷେର୍ ହେଲା ସମସ୍ତ ଜିଲ୍ଲାରେ ଜଣେ ହେଲେ ଶିଶୁ ବିଶେଷଜ୍ଞ ନାହାନ୍ତି । ଦୀର୍ଘ ବର୍ଷ ଧରି ଆବଶ୍ୟକ, ଡାକ୍ତର ନଥିବାରୁ ନିରୀହ ଗରିବ, ଆଦିବାସୀ ସ୍ୱାସ୍ଥ୍ୟସେବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପଟେ ଦାୟିତ୍ୱରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଘରେ ରୋଗୀ ସେବାରେ ବ୍ୟସ୍ତ ଅଛନ୍ତି । ଏଠି ଜଣେ ମାତ୍ର ଅସ୍ଥିଶଲ୍ୟ ଡାକ୍ତର ଭାବେ ଡାକ୍ତରଖାନାରେ ତାଙ୍କର ଉପସ୍ଥିତି ଅବଶ୍ୟକତା ରହିଛି ତା ସାଙ୍ଗକୁ ସେ ମେଡିକାଲ ସୁପରିଟେଣ୍ଡେଟ ସହ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଦାୟିତ୍ୱରେ ମଧ୍ୟ ରହିଛନ୍ତି । ତେଣୁ ତାଙ୍କୁ ସମୟର ଅଭାବ ରହିଥିବା ବେଳେ ନିଜ ବାସଭବନରେ କିନ୍ତୁ ନିରନ୍ତର ନିୟମିତ ରୋଗୀ ଦେଖୁଛନ୍ତି । ସେହିପରି ଆବଶ୍ୟକ ସଂଖ୍ୟକ ବିଶେଷଜ୍ଞ ଡାକ୍ତର ଅଭାବ ରହିଥିବା ବେଳେ ଜିଲ୍ଲାସ୍ତରୀୟ ସରକାରୀ ଚିକିତ୍ସାଳୟ ହୋଇଥିଲେ ହେଁ ଏଠାରେ ଆଇସିୟୁ ଅକର୍ମଣ୍ୟ ହୋଇପଡ଼ିଛି । ଆଇସିୟୁ ନିମନ୍ତେ ଆବଶ୍ୟକ ସମସ୍ତ ଉପକରଣ ଥାଇ ମଧ୍ୟ ଆଜି ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହୋଇପାରୁନି । ଅନ୍ୟପଟେ ଆଇସିୟୁ ନିମନ୍ତେ କୋଭିଡ୍ ସମୟରେ ଆସିଥିବା ସମସ୍ତ ସାମଗ୍ରୀ ହସ୍ପିଟାଲ ପରିସରରେ ପଡ଼ି ରହି ନଷ୍ଟ ହେଉଛି । କୋଭିଡ୍ ମହାମାରୀ ସମୟରେ ଏଠି ଅକ୍ସିଜେନ ପ୍ଲାଣ୍ଟ ସହ ଅନେକ ଭିତ୍ତିଭୂମୀ ଯୋଗାଇଥିଲେ ତତ୍କାଳୀନ ବିଜେଡି ସରକାର । ଏପରିକି ଅତ୍ୟାଧୁନିକ ଚିକିତ୍ସା ସାମଗ୍ରୀ, ଉନ୍ନତ ଡାକ୍ତରୀ ବାସଭବନ, ନୂତନ ୩୦୦ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ କୋଠା ଆଦି ଭିତ୍ତିଭୂମି ଥାଇ ସୁଦ୍ଧା ଉନ୍ନତମାନର ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି ଲୋକେ । ବିଭାଗ ପରିଚାଳନା ଗତ ତ୍ରୁଟି ଯୋଗୁ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇପଡିଛି ।

କ୍ରିଟିକାଲ୍ କେୟାରୟୁନିଟ୍ କାର୍ଯ୍ୟକ୍ଷମ ଅଛି, ଜିଲ୍ଲାର ବର୍ତ୍ତମାନ ସ୍ଥିତି ଅନୁସାରେ ଆଇସିୟୁ କାର୍ଯ୍ୟକ୍ଷମ କରିବା ସମ୍ଭବପର ନୁହେଁ ବୋଲି ଜିଲ୍ଲା ମୁଖ୍ୟଚିକିତ୍ସା ଅଧିକାରୀ ଡା. ଶାନ୍ତନୁ କୁମାର ପାଢୀ କହିଛନ୍ତି । ଡାକ୍ତର ଅବହେଳାରୁ ରୋଗୀ ମୃତ୍ୟୁ ଘଟଣାକୁ ଖଣ୍ଡନ କରିବା ସହ ବାସଭବନରେ ରୋଗୀ ଚିକିତ୍ସା ସମ୍ପର୍କରେ କାର୍ଯ୍ୟ ସମୟ ପରେ ରୋଗୀ ଆସିଲେ କ'ଣ କରିବେ ବୋଲି ଓଲଟା ପ୍ରଶ୍ନ କରିଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାର ୭ ବ୍ଲକ, ପାରଳା ସହର ସମେତ ପଡ଼ୋଶୀ ରାୟଗଡ଼ା ଜିଲ୍ଲାର ଗୁଣୁପୁର ଅଞ୍ଚଳର ବାସିନ୍ଦା, ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମ ଜିଲ୍ଲା ପୁରୁଣାପାଟଣା, ମେଳିଆପୁଟି, ଟେପରା, ଅଞ୍ଚଳର ଅଧିକାଂଶ ଲୋକେ ଚିକିତ୍ସା ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଉପରେ ନିର୍ଭର କରନ୍ତି । କିନ୍ତୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୧୨୬ ଡାକ୍ତର ଆବଶ୍ୟକ ଥିବା ବେଳେ ବର୍ତ୍ତମାନ ରହିଛନ୍ତି ମାତ୍ର ୩୬ ଜଣ ।

କେବଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନୁହେଁ ଜିଲ୍ଲାରେ ଥିବା ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଡାକ୍ତର ପଦ ଖାଲିପଡ଼ିଛି । ଜିଲ୍ଲାରେ ୩୨୩ ଡାକ୍ତର ଆବଶ୍ୟକ ରହିଥିବା ବେଳେ ଅଛନ୍ତି ମାତ୍ର ୧୨୦ ଜଣ । ସେହିଭଳି ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀରୋଗ ବିଶେଷଜ୍ଞ ଓ ଶିଶୁ ବିଶେଷଜ୍ଞ ମଧ୍ୟ ଆବଶ୍ୟକ କିନ୍ତୁ ଗୋଟିଏ ହେଲେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ବି ଶିଶୁ କିମ୍ବା ସ୍ତ୍ରୀ ରୋଗ ବିଶେଷଜ୍ଞ ନାହାନ୍ତି । ଏଭଳି ସ୍ଥିତିରେ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା କିଭଳି ଚାଲିଥିବ ସହଜେ ଅନୁମାନ କରାଯାଇପାରେ । ଯାହାଦ୍ୱାରା ରୋଗୀ ଆସିବା ମାତ୍ରେ ଆନ୍ଧ୍ର କିମ୍ବା ବ୍ରହ୍ମପୁର ରେଫର ହେଉଛନ୍ତି । ଯେଉଁ ରୋଗୀ ଏଠାକୁ ଗୁରୁତର ଅବସ୍ଥାରେ ଆସୁଛନ୍ତି ସେମାନଙ୍କୁ ସିଧାସଳଖ ବ୍ରହ୍ମପୁର କିମ୍ବା ଅନ୍ୟତ୍ର ଆନ୍ଧ୍ରପ୍ରଦେଶ ହସ୍ପିଟାଲ ଯିବାକୁ କୁହାଯାଉଛି । ରୋଗୀ ଏବଂ ସମ୍ପର୍କୀୟ ମାନେ ଜୀବନ ବିକଳରେ ବାଧ ହୋଇ ବାହାରକୁ ଯାଉଛନ୍ତି । ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡରେ ମଧ୍ୟ ବିଭିନ୍ନ ସମସ୍ୟା ରହି ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବାର ବହୁ ଦୃଷ୍ଟାନ୍ତ ରହିଛି । ଏପରି ସ୍ଥଳେ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ଏକପ୍ରକାର ବିପର୍ଯ୍ୟସ୍ତ ହୋଇପଡିଥିବାରୁ ଜନ ଅସନ୍ତୋଷ ବୃଦ୍ଧି ପାଉଛି ।

- ଦାୟିତ୍ୱରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଘରୋଇ ଉପଚାରକୁ ଦେଉଛନ୍ତି ପ୍ରାଧାନ୍ୟ
- ଜିଲ୍ଲାରେ ୩୨୩ ଡାକ୍ତର ସ୍ଥାନରେ ଅଛନ୍ତି ୧୨୦




## ଷ୍ଟାଣ୍ଡିଂ କମିଟି ବୈଠକରେ ଆଇସିୟୁ ପାଇଁ ବିଧାୟକଙ୍କ ଦାବି



**ପାରଳାଖେମୁଣ୍ଡି:** ଭୁବନେଶ୍ୱର ବିଧାନସଭା ସ୍ୱତନ୍ତ୍ର ସଭାଗୃହରେ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ବିଭୂତି ଭୂଷଣ ପ୍ରଧାନଙ୍କ ନେତୃତ୍ୱରେ ଷ୍ଟାଣ୍ଡିଂ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । କିଛିଦିନ ପୂର୍ବେ ଆଇସିୟୁ ଅଭାବରୁ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ଗାଇବା ଗ୍ରାମର ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଖବର ପାରଳାଖେମୁଣ୍ଡି ବିଧାୟକ ଇଂ. ରୁପେଶ କୁମାର ପାଣିଗ୍ରାହୀ ଜାଣି ଦୁଃଖ ପ୍ରକାଶ କରିବା ସହ ତୁରନ୍ତ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟରେ ଆଇସିୟୁ ନିର୍ମାଣ ପାଇଁ ଆଜି ବିଧାସଭା ଷ୍ଟାଣ୍ଡିଂ କମିଟି ବୈଠକରେ ଦାବି ରଖିଛନ୍ତି । ରାଜ୍ୟ ସରକାର ଓଡ଼ିଶାରେ ଏକ ହଜାର ଆଇସିୟୁ ଶଯ୍ୟା କରାଯିବା ନେଇ ଘୋଷଣା କରିଛନ୍ତି । ପାରଳା ବିଧାୟକ ଏନେଇ ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷଙ୍କୁ ପ୍ରଶ୍ନ କରିଥିଲେ ଗଜପତି ଜିଲ୍ଲାରେ ଆଇସିୟୁ ଦିଆଯାଇଛି କି ନାହିଁ । ସେନେଇ ପରେ ନିଷ୍ପତ୍ତି ନିଆଯିବ ବୋଲି କମିଟି ପକ୍ଷରୁ ଜଣାଯାଇଥିବା ବିଧାୟକଙ୍କ ଜଣାଇଛନ୍ତି । ଷ୍ଟାଣ୍ଡିଂ କମିଟି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟିକା ପ୍ରମିଳା ମଲିକ, ବିଧାୟିକା ସୀମାରାଣୀ ନାୟକ, ବିଧାୟକ ପ୍ରଶାନ୍ତ ବେହେରା, ବିଧାୟକ ଉମାଚରଣ ମଲିକ, ବିଧାୟକ ସତ୍ୟଜିତ ଗମାଙ୍ଗଙ୍କ ସହ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ପ୍ରମୁଖ ଅଧିକାରୀ ତଥା ପୂର୍ବତନ ଗଜପତି ଜିଲ୍ଲାପାଳ ବିଜୟ କୁମାର ଦାସ ମଧ୍ୟ ଉପସ୍ଥିତ ଥିଲେ ।

## ଜାତୀୟ ଭୂତଳ ଜଳସ୍ତର ମାନଚିତ୍ରଣ ଓ ପରିଚାଳନା କର୍ମଶାଳା



ପାରଳାଖେମୁଣ୍ଡି,୨୪।୨(ସମିସ): ପାରଳାଖେମୁଣ୍ଡି ସ୍ଥିତ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅକ୍ଷୟ ସୁନିଲ କୁମାର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଜାତୀୟ ଭୂତଳ ଜଳସ୍ତର ମାନଚିତ୍ରଣ ଏବଂ ପରିଚାଳନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଭୁବନେଶ୍ୱର ସ୍ଥିତ କେନ୍ଦ୍ରୀୟ ଭୂତଳ ଜଳ ବୋର୍ଡର ବରିଷ୍ଠ ଗବେଷକ ରାଜକିଶୋର ମହାନ୍ତି ଓ ଚିରାଶ୍ରୀ ମହାନ୍ତି, କନିଷ୍ଠ ଗବେଷକ ଆଦିତି ଭଗତ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଅଂଶୁମାନ ମହାପାତ୍ର ଓ ଜଳ ସମ୍ପଦ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ସୀମାଞ୍ଚଳ ଶତପଥୀ ମଞ୍ଚାସୀନ ଥିଲେ । ଏହି କର୍ମଶାଳାରେ ଜାତୀୟ ଭୂତଳ ଜଳସ୍ତର ମାନଚିତ୍ରଣ ଏବଂ ପରିଚାଳନା କାର୍ଯ୍ୟକ୍ରମରେ ଜିଲ୍ଲାରେ ବିଭିନ୍ନ ଜଳଭଣ୍ଡାରର ମ୍ୟାପିଂ ତଥା ଭୂତଳ ଜଳଭଣ୍ଡାର ବିଭିନ୍ନ ବିଷୟ, ଜଳଭଣ୍ଡାରରେ ଭୂତଳ ଜଳର ପରିମାଣ, ଗୁଣବତ୍ତା ଏବଂ ସ୍ଥାୟୀତାକୁ ବର୍ଣ୍ଣିତ କରିବା ପାଇଁ ଭୂଭୌତିକ, ଜଳ ବିଜ୍ଞାନ ଏବଂ ରାସାୟନିକ କ୍ଷେତ୍ର ଏବଂ ପରୀକ୍ଷାଗାର ବିଶ୍ଳେଷଣର ମିଶ୍ରଣ ପ୍ରୟୋଗ କରାଯାଇ ଜଳକୁ ରଖାଯାଇଥାଏ । ଜଳଭଣ୍ଡାର ମ୍ୟାପିଂ ଜଳଭଣ୍ଡାରର ଭୂତାତ୍ତ୍ୱିକ ଢାଞ୍ଚା, ଜଳ ବିଜ୍ଞାନ ଗୁଣବତ୍ତା, ଜଳଭଣ୍ଡାରରେ ଜଳସ୍ତର ଏବଂ ସମୟ ସହିତ ସେଗୁଡ଼ିକ କିପରି ପରିବର୍ତ୍ତନ ହୁଏ ଏବଂ ଭୂତଳ ଜଳର ପାନୀୟକୁ ପ୍ରଭାବିତ କରୁଥିବା ପ୍ରାକୃତିକ ଏବଂ ମାନବଜାତ ପ୍ରଦୂଷକଙ୍କ ଘଟଣା ବିଷୟରେ ଜ୍ଞାନ ଉନ୍ନତ କରାଯାଇପାରିବ । ସେହିପରି ଜଳଭଣ୍ଡାର ମ୍ୟାପିଂ ଭୂତଳ ଜଳ ସମ୍ପଦର ଦୀର୍ଘକାଳୀନ ସ୍ଥାୟୀତ୍ୱ ପାଇଁ ଲକ୍ଷ୍ୟ ରଖାଯାଇଥିବା ବିଭିନ୍ନ ପରିଚାଳନା ହସ୍ତକ୍ଷେପର ପ୍ରଭାବ ପ୍ରସ୍ତୁତ, କାର୍ଯ୍ୟକାରୀ ଏବଂ ନିରୀକ୍ଷଣ କରିବା ଦିଗରେ ଆଲୋଚନା କରାଯାଇଥିଲା । ଉକ୍ତ କର୍ମଶାଳାରେ ଜଳବିଭାଜିକାର ପ୍ରକଳ୍ପ ନିର୍ଦ୍ଦେଶକ ସୁରେଶ ପଟ୍ଟନାୟକ, ଜିଲ୍ଲା ମୁଖ୍ୟ କୃଷୀ ଅଧିକାରୀ ଏମ. ପ୍ରକାଶ ରାଓଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

## ସୌରା ଭାଷାରେ ଅଙ୍ଗନବାଡ଼ିରେ ଶିକ୍ଷା ପ୍ରଦାନ ପାଇଁ କର୍ମଶାଳା



ପାରଳାଖେମୁଣ୍ଡି,୨୪।୨(ସମିସ): ଗଜପତି ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟର ପ୍ରମୁଖ ପ୍ରାରମ୍ଭିକ ଶିକ୍ଷା ପଦକ୍ଷେପ "ଆମେ ପଢିବୁ ଆମ ଭାଷାରେ' କାର୍ଯ୍ୟକ୍ରମକୁ ଆଜି ଜିଲ୍ଲାସ୍ତରରେ ଶୁଭାରମ୍ଭ କରାଯାଇଛି । ଏହି ପଦକ୍ଷେପ ମାଧ୍ୟମରେ ମାତୃଭାଷା ଆଧାରିତ ଶିକ୍ଷାକୁ ଶକ୍ତିଶାଳୀ କରିବା ଓ ଜନଜାତୀୟ ଶିଶୁମାନଙ୍କ ପ୍ରାରମ୍ଭିକ ଶିକ୍ଷାରେ ସମାନ ସୁଯୋଗ ନିଶ୍ଚିତ କରିବାକୁ ଉଦ୍ଦିଷ୍ଟ । ଗଜପତି ଜିଲ୍ଲାରେ ଏହି କାର୍ଯ୍ୟକ୍ରମକୁ ପିରାମଲ ଫାଉଣ୍ଡସନ ସହଯୋଗ କରୁଛି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ପ୍ରକୋଷ୍ଠରେ ଆୟୋଜିତ ଦିନିକିଆ କର୍ମଶାଳାରେ ଅତିରିକ୍ତ ଜିଲ୍ଲାପାଳ ଫାଲଗୁନୀ ମାଝୀ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମନୋରମା ଦେବୀ, ଜିଲ୍ଲା ମଙ୍ଗଳ ଅଧିକାରୀ ସୋଲମନ ରାଇକା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ୍. ଗିରିଧର, ଉପଖଣ୍ଡ ପ୍ରୋଗ୍ରାମ ଅଧିକାରୀ ସ୍ନିଗ୍ଧାରାଣୀ ଭୂୟାଁ, ପେଡାଗୋଜି କୋଡିନେଟର ସନ୍ତୋଷ କୁମାର ଆଚାର୍ଯ୍ୟ ଓ ପିରାମଲ ଫାଉଣ୍ଡେସନର ପ୍ରୋଗ୍ରାମ ମ୍ୟାନେଜର ଦେବବ୍ରତ ଆଚାର୍ଯ୍ୟ ମଞ୍ଚାସୀନ ଥିଲେ । କର୍ମଶାଳାରେ ଜିଲ୍ଲା ପ୍ରଶାସନ, ମହିଳା ଓ ଶିଶୁ ବିକାଶ ବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅଙ୍ଗନବାଡି କର୍ମୀ ଓ ପଞ୍ଚାୟତିରାଜ ବିଭାଗର ସହଯୋଗୀ ଅଂଶଗ୍ରହଣକରୀ କାର୍ଯ୍ୟ ଖସଡ଼ା ତିଆରି କରିଥିଲେ । କର୍ମଶାଳାରେ ଜିଲ୍ଲାର ଛୋଟ ପିଲାମାନଙ୍କୁ ସେମାନଙ୍କ ମାତୃଭାଷାରେ କଥୋପକଥନ, ଶିକ୍ଷାଦାନ, ସୌରା ଭାଷାର ପ୍ରାରମ୍ଭିକ ଶିକ୍ଷା ପାଠ୍ୟକ୍ରମକୁ ପିଲାଙ୍କ ସାମାଜିକ ଓ ସାଂସ୍କୃତିକ ପରିବେଶ ଅନୁଯାୟୀ ପୁନଃରୁପାୟନ, ଅଙ୍ଗନବାଡି କର୍ମୀଙ୍କୁ ଏହି ଶିକ୍ଷାଦାନ ଉପରେ ତାଲିମ ଦେବା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ । ଏହି ଅବସରରେ ପାଇଲଟ୍ ପଦକ୍ଷେପ ସ୍ୱରୂପ ଗଜପତି ଜିଲ୍ଲାର ରାୟଗଡ଼ ଓ ଗୁମ୍ମା ବ୍ଲକ ୩୦ ଅଙ୍ଗନବାଡି କେନ୍ଦ୍ରରେ ସୌରା ଭାଷାରେ ୩ ରୁ ୬ ବର୍ଷ ବୟସ ଶିଶୁଙ୍କୁ ମାତୃଭାଷା ଆଧାରିତ ପ୍ରାକ ଶିକ୍ଷା ପ୍ରଦାନ କରାଯିବ । ମାତୃଭାଷା ଆଧାରିତ ଶିକ୍ଷାର ଆବଶ୍ୟକତା ଶିଶୁମାନେ ଘରେ ଯେଉଁ ଭାଷା କହନ୍ତି, ସେଇ ଭାଷାରେ ପାଠ ପଢିଲେ ସେମାନେ ସହଜରେ ବିଷୟବସ୍ତୁକୁ ବୁଝିପାରବେ । ଭାଷା କେବଳ ସଂଯୋଗର ମାଧ୍ୟମ ନୁହେଁ, ଏହା ଆତ୍ମପରିଚୟ ଓ ଆ।ବିଶ୍ୱାସର ଆଧାର । ମାତୃଭାଷା ଆଧାରିତ ଶିକ୍ଷା କେବଳ ଅନୁବାଦ ନୁହେଁ, ବରଂ ଶିକ୍ଷା ପ୍ରକ୍ରିୟାକୁ ଶିଶୁଙ୍କ ସଂସ୍କୃତି ଓ ଭାଷା ସହ ଅନୁକୂଳ କରିବା । ସ୍ଥାନୀୟ କାହାଣୀ, ଲୋକଗୀତ ଓ ଖେଳାଧାରିତ ଶିକ୍ଷାକୁ ଅନୁସୂଚିତ କରିବାରେ ଅଙ୍ଗନବାଡି କର୍ମୀଙ୍କୁ ନିରନ୍ତର ମାର୍ଗଦର୍ଶନ ଆବଶ୍ୟକ । ଉକ୍ତ କର୍ମଶାଳାରେ ସମସ୍ତ ବ୍ଲକର ସିଡିପିଓ, ଗଙ୍ଗାବାଡ଼ ସରପଞ୍ଚ ହରିବନ୍ଧୁ କାର୍ଯୀ ଉପସ୍ଥିତ ଥିବା ବେଳେ ପ୍ରୋଗ୍ରାମ ଅଫିସର ଆଇସିଡିଏସ୍ କେ.ସୁନୀତା ଧନ୍ୟବାଦ ଅର୍ପଣ କରିଥିଲେ ।

## ବନଜ୍ୟୋତ୍ସ୍ନା ପୁସ୍ତକ ଉତ୍ସବ ଓ ସାଂସ୍କୃତିକ ମେଳା ଉଦ୍‌ଘାଟିତ




ଫୁଲବାଣୀ,୨୪।୨(ସମିସ): ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ସୋମବାର ବନଜ୍ୟୋତ୍ସ୍ନା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଷୋଡ଼ଶ ପୁସ୍ତକ ଉତ୍ସବ ଓ ସାଂସ୍କୃତିକ ମେଳା ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲାପାଳ ବେଦଭୂଷଣ ଉଦ୍‌ଘାଟନ କରି ଓଡିଆ ଭାଷା ସାହିତ୍ୟର ପ୍ରଚାର ପ୍ରସାର ସହ ପୁସ୍ତକ ପ୍ରତି ଆଗ୍ରହ ସୃଷ୍ଟି କରିବା ଦିଗରେ ଅନୁଷ୍ଠାନ ପ୍ରୟାସ ଜାରୀ ରଖିଥିବାରୁ ଆୟୋଜକଙ୍କୁ ପ୍ରଶଂସା କରିଥିଲେ । ସମ୍ମାନୀତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ସନ୍ତୋଷ କୁମାର ପାଢ଼ୀ, ପ୍ରେସ୍ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବରେ ଜିଲ୍ଲା ନାଗରିକ ମଞ୍ଚ ସଭାପତି ଡ. ଅରୂପ ଜେନା ଯୋଗଦେଇ ଅଧିକ ପାଠକ ସୃଷ୍ଟି କରିବାରେ ଏହି କାର୍ଯ୍ୟକ୍ରମ ସହାୟକ ହେବ ବୋଲି କହିଥିଲେ । ସମ୍ପାଦକ କାହ୍ନୁ ଚରଣ ଶତପଥୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସଭାପତି ପ୍ରଶାନ୍ତ ବେହେରା ପ୍ରାରମ୍ଭିକ ସୂଚନା ଦେଇଥିଲେ । ମୁସ୍କାନ ସୁଆର, ରୁପମ୍ବିକା ତ୍ରିପାଠୀ, ପ୍ରଣତୀ ତ୍ରିପାଠୀ, ଶୁଭ୍ରା ପଟ୍ଟନାୟକ, ବିରାଜିନୀ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ ।

**ବିକଶିତ ଭାରତ ଯୁବ ସଂସଦ**

## ଏଏମ୍‌ସିଏସ୍ ମହାବିଦ୍ୟାଳୟ ଜିଲ୍ଲାସ୍ତରୀୟ ନୋଡାଲ କଲେଜ

ଟିକାବାଲି,୨୪।୨(ସମିସ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ନିମନ୍ତେ ଟିକାବାଲି ସ୍ଥିତ ଏଏମ୍‌ସିଏସ୍ ମହାବିଦ୍ୟାଳୟ ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ପାଇଁ ଭାରତ ସରକାରଙ୍କ ପକ୍ଷରୁ ଏହି ମହାବିଦ୍ୟାଳୟକୁ ଜିଲ୍ଲାସ୍ତରୀୟ ନୋଡାଲ କଲେଜ ଭାବେ ମନୋନୀତ କରାଯାଇଛି । ମହାବିଦ୍ୟାଳୟର ଅଧ୍ୟକ୍ଷ ତଥା ନୋଡାଲ କଲେଜର ମୁଖ୍ୟ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ମଞ୍ଚାସୀନ ଅତିଥି ଭାବେ ନୋଡାଲ ସଭ୍ୟ ତଥା ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଜ୍ଞାନରଞ୍ଜନ ଭୋଇ, ଅଧ୍ୟାପକ ରିଲୁ ପ୍ରଧାନ, ଅଧ୍ୟାପିକା ସନ୍ଧ୍ୟାରାଣୀ କହଁର ଏବଂ ଅଙ୍କିତା ଉପସ୍ଥିତ ରହି କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଯୁବପିଢ଼ିଙ୍କୁ ଦେଶର ବିକାଶ ପ୍ରକ୍ରିୟାରେ ସାମିଲ କରିବା ଏବଂ ଗଣତାନ୍ତ୍ରିକ ମୂଲ୍ୟବୋଧ ପ୍ରତି ସେମାନଙ୍କୁ ସଚେତନ କରିବା ଏହି ଯୁବ ସଂସଦର ମୁଖ୍ୟ ଉଦ୍ଦେଶ୍ୟ । ଯୁବକ ଯୁବତୀମାନେ ନିଜର ଚିନ୍ତାଧାରା ଓ ଅଭିମତକୁ ଏକ ବଳିଷ୍ଠ ମଞ୍ଚରେ ଉପସ୍ଥାପନ କରିବାର ସୁଯୋଗ ପାଇପାରିବେ । ଏଥିପାଇଁ ଛାତ୍ରଛାତ୍ରୀଙ୍କ ବୟସ ୧୮ ରୁ ୨୫ ବର୍ଷ ବୟସ୍କ ଯୁବକ/ଯୁବତୀ ହୋଇଥିବା ଆବଶ୍ୟକ । ଆସନ୍ତା ୨୬ ତାରିଖ ସୁଦ୍ଧା ଅନଲାଇନ୍ ମାଧ୍ୟମରେ ମାଇ ଭାରତ ପୋର୍ଟାଲ୍ ଓ ପରେ ମାଇ ଭାରତ ୟୁଥ୍ ପାର୍ଲିଆମେଣ୍ଟ ଆପ୍‌ରେ ନିଜ ନାମ ପଞ୍ଜୀକରଣ କରିବାକୁ ହେବ । ଜାତୀୟ ଜରୁରୀ ପରିସ୍ଥିତିରୁ ଭାରତୀୟ ଗଣତନ୍ତ୍ରରେ ମିଳିଥିବା ଶିକ୍ଷା ବିଷୟରେ ଆସନ୍ତା ୨୮ ତାରିଖରେ ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟ ପରିସରରେ ଏକ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ପ୍ରତିଯୋଗିତାରେ ବିଚାରକମାନଙ୍କ ଦ୍ୱାରା ଜିଲ୍ଲାର ଶ୍ରେଷ୍ଠ ୫ ଜଣ ପ୍ରତିଯୋଗୀଙ୍କୁ ଚୟନ କରାଯିବ । ସେମାନେ ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟର ଲୋକସଭା ଭବନରେ ନିଜର ଅଭିମତ ରଖିବା ପାଇଁ ସୁଯୋଗ ପାଇବେ ।




# ବାଉଁଶ ବତା ସାହାରାରେ ଅମିତା

- ଜୀବନ ସହ ସଂଘର୍ଷ କରୁଛନ୍ତି ଭିନ୍ନକ୍ଷମ ମହିଳା
- ଉତ୍ତମ ଚିକିତ୍ସା ପାଇଁ ସରକାରଙ୍କୁ ଗୁହାରି

ମୋହନା,୨୪।୨(ସମିସ): ମୋହନା ବ୍ଲକ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଥିବା ଗୁଲୁବା ପଞ୍ଚାୟତର କାପିଲିବାକୁ ଗ୍ରାମର ଜଣେ ଭିନ୍ନକ୍ଷମ ମହିଳା ହେଉଛନ୍ତି ଅମିତା ମାଲୀ(୨୮) । ସେ ବିବାହିତା ତାଙ୍କ ସ୍ୱାମୀ ଓ ତିନୋଟି ସନ୍ତାନ ମଧ୍ୟ ଅଛନ୍ତି । ବର୍ଷେ ପୂର୍ବେ ତାଙ୍କର ବାମ ଗୋଡ ନିଆଁରେ ଜଳିଯିବା ଫଳରେ ସେ ତାଙ୍କ ପାଦ ହରାଇ ବସିଛନ୍ତି । ଚିକିତ୍ସା ପାଇଁ ମେଡିକାଲକୁ ଦୌଡ଼ ଦୌଡ଼ି ନୟାନ୍ତ ହୋଇଗଲେଣି । ହେଲେ କୌଣସି ସୁଫଳ ମିଳୁନି । ସରକାରଙ୍କ ତରଫରୁ ଚିକିତ୍ସା ବାବଦକୁ କୌଣସି ସୁବିଧା ନପାଇ ବାଧ ହୋଇ ବାଉଁଶ ପାତି ଏବଂ ରବରରେ ନିର୍ମିତ ହାତୀ ପାଦ ଆକୃତିର ପାଦ ତିଆରି କରି ତାଙ୍କ ଜୀବନ ଅତିବାହିତ କରୁଛନ୍ତି । ଘର କାମ ନ କରିପାରି ବସି ରହୁଛନ୍ତି । ବଡ଼ କଷ୍ଟରେ ନିଜେ ତିଆରି କରିଥିବା କୃତ୍ରିମ ପାଦରେ ଟିକେ ଟିକେ ଚଲାବୁଲା କରିବା ସହ ତିନୋଟି ସନ୍ତାନର ଲାଳନ ପାଳନ କରୁଛନ୍ତି । ବାକି ସମୟରେ ଘରେ ପଡ଼ି ରହୁଛନ୍ତି । ଏହି ଆଧୁନିକ ଯୁଗରେ ଭିନ୍ନକ୍ଷମ ମାନଙ୍କ ପାଇଁ ସରକାର ବିଭିନ୍ନ ଯୋଜନା କରି ସେମାନଙ୍କୁ ସେବା ପ୍ରଦାନ କରୁଛନ୍ତି । କିନ୍ତୁ ଏହି ଭିନ୍ନକ୍ଷମ ମହିଳା ଏଥିରୁ ବଞ୍ଚିତ ଅଛନ୍ତି । ଅନ୍ୟପଟେ ସ୍ୱାମୀ ଦୈନନ୍ଦିନ କୁଲି କଲେ ପରିବାରରେ ଚୁଲି ଜଳେ ଓ ପରିବାରରେ ଅର୍ଥର ଘୋର ଅଭାବ । ସରକାରଙ୍କ ତରଫରୁ କେବଳ ୧୦କେଜି ଚାଉଳ ଏବଂ ଭିନ୍ନକ୍ଷମ ଭତ୍ତା ବାବଦକୁ ମାତ୍ର ୧୨୦୦ ଟଙ୍କା ପାଉଛନ୍ତି । ବାସ ଏତିକିରେ ତାଙ୍କର ଜୀବନ ଚାଲିଛି । ଗ୍ରାମବାସୀ ଏହି ଭିନ୍ନକ୍ଷମ ମହିଳାକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି କରିଛନ୍ତି । ତଦନ୍ତ କରି ଏହି ଭିନ୍ନକ୍ଷମ ମହିଳାକୁ ରେଡକ୍ରସ ତରଫରୁ ଚିକିତ୍ସା ନିମନ୍ତେ କିଛି ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ଅନ୍ୟପଟେ ମୋହନା ବିଡ଼ିଓ ରାଜୀବ ଦାସ କହିଛନ୍ତି ।



## ମୋନ୍ଥା ବାତ୍ୟାରେ ମୃତ ପରିବାରଙ୍କୁ ସହାୟତା

ପାରଳାଖେମୁଣ୍ଡି, ୨୪।୨(ସମିସ): ଜିଲ୍ଲାରେ ଗତ ବର୍ଷ ଅକ୍ଟୋବରରେ ବାତ୍ୟା ମୋନ୍ଥାର ପ୍ରଭାବରେ ପ୍ରାଣ ହରାଇଥିବା ମୋହନା, ଆର୍.ଉଦୟଗିରି ଓ ରାୟଗଡ଼ ବ୍ଲକ ଅଞ୍ଚଳର ୪ ପରିବାରଙ୍କୁ ସିସିଡି ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏହି ସହାୟତାର ଅଂଶରୂପ ପ୍ରତ୍ୟେକ ପରିବାରକୁ ୨୫ହଜାର ଟଙ୍କା ଲେଖାଁଏ ନଗଦ ରାଶି ଦିଆଯାଇଛି । ଏହି ପରିପ୍ରେକ୍ଷୀରେ ମୋହନା ପ୍ରେସ୍ କ୍ଲବର ଷଷ୍ଠ ବାର୍ଷିକ ଉତ୍ସବ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୋହନା ନିର୍ବାଚନମଣ୍ଡଳୀର ବିଧାୟକଙ୍କ ଦ୍ୱାରା ମୃତ ପରିବାରର ସଦସ୍ୟା ତୁଳାସ ନାୟକଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ସେହିପରି ଉଦୟଗିରି ବ୍ଲକର ବସ୍ତିଗୁଡା ଗ୍ରାମର ପରିବାରଙ୍କୁ ସିସିଡ଼ି ସମ୍ପାଦକ ସହାୟତା ରାଶି ପ୍ରଦାନ କରିଥିଲେ । ଏହିପରି, ମାର୍ଲାବା ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଅନ୍ୟ ଏକ କାର୍ଯ୍ୟକ୍ରମରେ ସରପଞ୍ଚ ଜଳେନ୍ଦର କାର୍ଜି ସିସିଡି ସ୍ୱେଚ୍ଛାସେବୀ ଅନୁଷ୍ଠାର ସମ୍ପାଦକ ଏ. ଜଗନ୍ନାଥ ରାଜୁ, ପ୍ରୋଗ୍ରାମ ପରିଚାଳକ ବିଜୟ ପ୍ରଧାନ ଓ ଅନ୍ୟାନ୍ୟ ପଞ୍ଚାୟତ ସଦସ୍ୟଙ୍କ ଉପସ୍ଥିତିରେ ପେକଟ ଗ୍ରାମର ଦୁଇଜଣ ମହିଳାଙ୍କୁ ମଧ୍ୟ ଆର୍ଥିକ ସହାୟତା ବଣ୍ଟନ କରାଯାଇଥିଲା । ଭବିଷ୍ୟତରେ ଯଦି କୌଣସି ଆପାତକାଳୀନ ପରିସ୍ଥିତି ସୃଷ୍ଟି ହୁଏ, ତାହାହେଲେ ପ୍ରଭାବିତ ପରିବାରର ଜୀବିକା ସୁଦୃଢ଼ କରିବା ପାଇଁ ସଂସ୍ଥା ପକ୍ଷରୁ ଅଧିକ ସହାୟତାର ହାତ ବଢ଼ାଯିବ ବୋଲି ସିସିଡିର ସମ୍ପାଦକ କହିଛନ୍ତି



## ଡିପ୍ଲୋମା ସମବାୟ ପରିଚାଳନା ତାଲିମ କାର୍ଯ୍ୟକ୍ରମ



କୁକୁଡ଼ାଖଣ୍ଡି,୨୪ ।୨(ସମିସ): ଗୋପାଳପୁର ବେଳାଭୂମି ଠାରେ ପ୍ରତିଷ୍ଠିତ ସମବାୟ ପରିଚାଳନା ପ୍ରତିଷ୍ଠାନରେ ୩୯ ଜଣ ତାଲିମ ଶିକ୍ଷାର୍ଥୀଙ୍କୁ ନେଇ ୭୩ତମ ଡିପ୍ଲୋମା ସମବାୟ ପରିଚାଳନା ପାଠ୍ୟକ୍ରମ ଶୁଭାରମ୍ଭ ହୋଇଅଛି। ଏଥିରେ ପାଞ୍ଚ ଜଣ ମସ୍ୟ ସମବାୟ ନିରୀକ୍ଷକ ନାମ ଲେଖାଇଛନ୍ତି। ସମସ୍ତ ତାଲିମ ଶିକ୍ଷାର୍ଥୀ ମାନଙ୍କ ଯୋଗ୍ୟତା ଗ୍ରାଜୁଏସନ ଅଟେ। ଏହି ପରିପ୍ରେକ୍ଷୀରେ ପରିଚାଳନା କେନ୍ଦ୍ରର ସଭାପତି ଶ୍ରୀକୈଳାଶ ରଣାଙ୍କ ଅଧକ୍ଷ୍ୟତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ବ୍ୟକ୍ତିମାନେ ଅର୍ଥନୀତିର ନୂତନ ଅଭ୍ୟୁଦୟ ନିମନ୍ତେ ନିୟୋଜିତ କରି ସମସ୍ତ ଶିକ୍ଷାର୍ଥୀ ମାନଙ୍କୁ ପରାମର୍ଶ ଦେଇଥିଲେ। ପ୍ରତିଷ୍ଠାନର ଅଧକ୍ଷ୍ୟ ଶ୍ରୀ ଡ଼ି. କ୍ରିଷ୍ଣାନନ୍ଦ ନିଜ ଅଭିଭାଷଣରେ ଏହି ତାଲିମର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସାଙ୍ଗକୁ ଏଠାରୁ ତାଲିମ ପାଇ ଶିକ୍ଷାର୍ଥୀ ମାନେ ସମବାୟ ଯୁଗ୍ମ ନିବନ୍ଧକ ପାହ୍ୟାକୁ ଯାଇ ସୁନାମ ଅର୍ଜନ କରିପାରିଛନ୍ତି ବୋଲି ସୂଚାଇଥିଲେ। ସାରା ଓଡିଶାରୁ ତାଲିମ ଅଧିକାରୀ ମାନେ ଯୋଗଦେଇଥିବା ଜଣାପଡିଛି ଏବଂ ସମସ୍ତେ ନିଜ ପରିଚୟ ପ୍ରଦାନ କରିଥିଲେ। ଅତିଥି ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଉପ ନିବନ୍ଧକ ତଥା ଆସିକା ଚିନି କଳ, ନିଦ୍ଦେଶକ ରାମ ମୋହନ ପାତ୍ର, ସମବାୟବିତ ତଥା ଜିଲ୍ଲା ଭିନ୍ନକ୍ଷମ ନେତା କେ. ମଣି ବାବୁ, ସିଟିଟିସିର ନିର୍ଦ୍ଦେଶକ ଡ଼ି. ବିଜୟଲକ୍ଷ୍ମୀ, ଅବସରପ୍ରାପ୍ତ ଉପ ସହକାରୀ ସମୀକ୍ଷକ ଉଦୟନାଥ ପ୍ରଧାନ, ଅବସରପ୍ରାପ୍ତ ଉପ ସହକାରୀ ନିବନ୍ଧକ ଜନ. ମୋଜେସ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପିକା ଶ୍ରୀମତୀ ମମତା ସାହୁ ସଂଯୋଜନା କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ।

## ସୋଡ଼କ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



ପୋଲସରା,୨୪ ।୨(ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ସୋଡକ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ତଥା ସଭାପତି ଯୁଗଳ କିଶୋର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୋଡକ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ରୂପେ ବର୍ତ୍ତିନୀ କ୍ଲଷ୍ଟର ସିଆରସିସି ସୁନୀଲ କୁମାର ବେହେରା, ବୀର ରଘୁନାଥପୁର ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସିଦ୍ଧେଶ୍ୱର ଦାସ, କୁଆନନ୍ଦ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଲୋଚନା ମହାପାତ୍ର, ପରିଚାଳନା କମିଟି ସଭାପତି ମାର୍ଗଦର୍ଶୀ ପ୍ରଧାନଙ୍କ ଉପସ୍ଥିତରେ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ମଞ୍ଚ ପରିଚାଳନା ଦାୟିତ୍ୱ ସହକାରୀ ଶିକ୍ଷକ ପ୍ରତାପ ଚନ୍ଦ୍ର ବିଶ୍ୱାଳ କରିଥିବା ବେଳେ ରାଜଲକ୍ଷ୍ମୀ ବେହେରା, ରାମଚନ୍ଦ୍ର ବେହେରା, ମନୋଜ କୁମାର ବେହେରା, ମାନସ ରଞ୍ଜନ ପ୍ରଧାନ, ଆରପିତା ମିଶ୍ର, ପ୍ରବୋଧ କୁମାର ମାନସିଂ ସମେତ ଅନ୍ୟ ଶିକ୍ଷକ ଓ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

## ଶ୍ରୀହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା



ଦିଗପହଣ୍ଡି,୨୪ ।୨(ସମିସ): ଦିଗପହଣ୍ଡି ବ୍ଲକ ଗଡ଼ଗୋବିନ୍ଦପୁର ଗ୍ରାମରେ ଶ୍ରୀହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଅବସରରେ ମଙ୍ଗଳବାର ଶ୍ରଦ୍ଧାଳୁ ମାନଙ୍କ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦୁଇଦିନ ବ୍ୟାପୀ ଅନୁଷ୍ଠିତ ଏହି ବିଗ୍ରହ ପ୍ରତିଷ୍ଠା ନିମନ୍ତେ ସମଗ୍ର ଗାଁ ଉତ୍ସବ ମୁଖର ହେବା ସହ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି। ମୁଖ୍ୟ ପୁରୋହିତ କହ୍ନେଇ ଶତପଥି ଏବଂ ରଘୁନାଥ ଶତପଥିଙ୍କ ମିଳିତ ତତ୍ତ୍ୱାବଧାନରେ ମଙ୍ଗଳବାର ଗ୍ରାମ ନିକଟ ପୋଖରୀରେ ଗଙ୍ଗାମାତାଙ୍କୁ ଆବାହନ କରାଯାଇ ମାନସିକଧାରୀ ଶ୍ରଦ୍ଧାଳୁଙ୍କ ଦୀକ୍ଷାଭିଷେକ କରାଯାଇଥିଲା। ପରେ ବାଦ୍ୟ ବାଜଣା ସହକାରେ କଳସ ଶୋଭାଯାତ୍ରା ଶ୍ରୀଭାଗବତ ଆଶ୍ରମ ପରିସରରେ ଥିବା ଶ୍ରୀହନୁମାନଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ପହଞ୍ଚିଥିଲା। ସେଠାରେ ସମସ୍ତ ନୀତି କାନ୍ତି ଅନୁଯାୟୀ ପୂଜାର୍ଚ୍ଚନା ପରେ ଅଙ୍କୁରାରୋପଣ, ବ୍ରାହ୍ମଣ ବରଣ କରାଯାଇ ପ୍ରତିଷ୍ଠା କର୍ମାରମ୍ଭ ସହ ଘୃତଯଜ୍ଞ ଓ ନାମଯଜ୍ଞ ଶୁଭାରମ୍ଭ ହୋଇଥିଲା। ସରପଞ୍ଚ ରଞ୍ଜନ କୁମାର ସାହୁ, ପୂର୍ବତନ ସରପଞ୍ଚ କେ. ହରିବନ୍ଧୁ ରେଡ୍ଡୀ, ବୁଲୁ ସାହୁ, ବଦ୍ରୀନାଥ ପାଣିଗ୍ରାହୀ, ରାଜେନ୍ଦ୍ର ରେଡ୍ଡୀ, ପୂର୍ଣ୍ଣଚନ୍ଦ୍ର ସାହୁ, ରବିନାରାୟଣ ସାହୁ, ତ୍ରିନାଥ ସାହୁ, ରାମକୃଷ୍ଣ ସାହୁ, କିଶୋର ସାମନ୍ତ, କୁରେଶୁ ରେଡ୍ଡୀ, ରଞ୍ଜନ ରେଡ୍ଡୀ, କୋରାମଣି ସାହୁ, ନରସିଂହ ରେଡ୍ଡୀଙ୍କ ସମେତ ଗ୍ରାମବାସୀ ସହଯୋଗ କରୁଛନ୍ତି।

# ମଝି ରାସ୍ତାରେ ଯମ ସାଜି ଛିଡ଼ାହୋଇଛି ଆମ୍ବଗଛ

### ତୁରନ୍ତ ସ୍ଥାନାନ୍ତର ପାଇଁ ଦାବିକଲେ ଅଞ୍ଚଳବାସୀ



ଟିକାବାଲି,୨୪।୨(ସମିସ)

ଟିକାବାଲି ବ୍ଲକ ପାବୁରିଆ ପଞ୍ଚାୟତ ସାପାଗାଣ୍ଡା ଘାଟି ଏବେ ଯାତ୍ରୀଙ୍କ ପାଇଁ ବିପଦସଂକୁଳ ପାଲଟିଛି। ଜି. ଉଦୟଗିରିରୁ ସାରଙ୍ଗଗଡ଼କୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତାର ସମ୍ପ୍ରସାରଣ କାର୍ଯ୍ୟ ଶେଷ ହୋଇଥିଲେ ହେଁ, ଏକ ବିରାଟକାୟ ଆମ୍ବ ଗଛ ଏବେ ମରଣଯନ୍ତା ସାଜିଛି। ରାସ୍ତା ଓସାରିଆ ହେବା ପରେ ଗଛ ଏବେ ପିଚୁ ରାସ୍ତାର ମଝିରେ ଯାତ୍ରୀଙ୍କ ପାଇଁ ଯମ ସାଜି ଛିଡ଼ାହୋଇଛି। ଫଳରେ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିବାର ଆଶଙ୍କା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ, ପାବୁରିଆ ଠାରୁ ବୋରିଗୁଡା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତାଟି ପୂର୍ବରୁ ଅତି ଅଣଓସାରିଆ ଥିଲା। ଯାତାୟାତରେ ସୁବିଧା ପାଇଁ ନିକଟରେ ବିଭାଗ ପକ୍ଷରୁ ଏହାକୁ ଓସାରିଆ କରି ନିର୍ମାଣ କରାଯାଇଛି। କିନ୍ତୁ ବିସ୍ତାରୀକରଣ ସମୟରେ ରାସ୍ତା କଡ଼ରେ ଥିବା ଏହି ପୁରାତନ ଆମ୍ବ ଗଛକୁ ସ୍ଥାନାନ୍ତର କିମ୍ବା କଟାଯାଇ ନଥିଲା। ଫଳରେ ରାସ୍ତା ପିଚୁ ହେବା ପରେ ଗଛ ଏବେ ରାସ୍ତା କଡ଼ରେ ନ ରହି ପ୍ରକୃତ ଯାତାୟାତ ପଥର ମଝି ଭାଗକୁ ଚାଲିଆସିଛି। ସାପାଗାଣ୍ଡା ଘାଟି ରାସ୍ତା ବଙ୍କା ଏବଂ ଢାଲୁ ହୋଇଥିବାରୁ ଦୂରରୁ ଗାଡ଼ି ଚାଳକ ଏହି ଗଛକୁ ସଠିକ୍ ଭାବେ ଦେଖିପାରୁ ନାହାନ୍ତି। ବିଶେଷ କରି ରାତିରେ ଏହି ସ୍ଥାନରେ ଆଲୋକ ବ୍ୟବସ୍ଥା ନଥିବାରୁ ଦ୍ରୁତଗତିରେ ଆସୁଥିବା ଗାଡ଼ି ଗଛ ସହ ପିଟି ହେବାର ସମ୍ଭାବନା ଅଧିକ ରହିଛି। ଶୀତ ଦିନେ କୁହୁଡ଼ି ସମୟରେ ଏହା ଏକ ନିଶ୍ଚିତ ଦୁର୍ଘଟଣାକୁ ଆମନ୍ତ୍ରଣ କରୁଛି। ସ୍ଥାନୀୟ ବାସିନ୍ଦା ଓ ପ୍ରତିଦିନ ଯାତାୟାତ କରୁଥିବା ବାଇକ୍ ଆରୋହୀ କହିଛନ୍ତି ଗୋଟିଏ ପଟେ ଘାଟି ଓ ଅନ୍ୟପଟେ ରାସ୍ତା ମଝିରେ ଏହି ଗଛ ଯୋଗୁଁ ଦୁଇଟି ଗାଡ଼ି ପରସ୍ପରକୁ ଅତିକ୍ରମ କରିବା ବେଳେ ଗୁରୁତର ଅସୁବିଧା ହେଉଛି। ରାସ୍ତା ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ଏହି ଗୁରୁତ୍ୱପୂର୍ଣ୍ଣ ଦିଗ ପ୍ରତି ଦୃଷ୍ଟି ନ ଦେବା ଦୁର୍ଭାଗ୍ୟଜନକ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ବିଭାଗୀୟ କର୍ତ୍ତୃପକ୍ଷ କୌଣସି ବଡ଼ ଧରଣର ପ୍ରାଣହାନିକୁ ଅପେକ୍ଷା ନ କରି, ତୁରନ୍ତ ଏହି ଗଛକୁ କାଟି ରାସ୍ତା ସଫା କରିବାକୁ ପାବୁରିଆ ପଞ୍ଚାୟତବାସୀ ଓ ପଥିକ ଦାବି କରିଛନ୍ତି। ଯଦି ଶୀଘ୍ର ପଦକ୍ଷେପ ନିଆନଯାଏ, ତେବେ ଆଗାମୀ ଦିନରେ ଏହି ରାସ୍ତା ବିପଦର ପେଣ୍ଠସ୍ଥଳୀ ପାଲଟିବ ବୋଲି ଚେତାବନୀ ଦିଆଯାଇଛି।

## ଟଙ୍କା ନେଣଦେଣକୁ ନେଇ ମାର୍‌ପିଟ୍; ଥାନାରେ ମାମଲା

ଦିଗପହଣ୍ଡି,୨୪ ।୨(ସମିସ): ଦିଗପହଣ୍ଡି ବ୍ଲକ ଗୋକର୍ଣ୍ଣପୁର ପଞ୍ଚାୟତ ଅନ୍ତର୍ଗତ ପୀତାମ୍ବରପୁର ଗ୍ରାମର ଦୁଇ ପରିବାର ମଧ୍ୟରେ ଟଙ୍କା ଦେଣନେଣକୁ କେନ୍ଦ୍ର କରି ଆକ୍ରମଣ ପ୍ରତିଆକ୍ରମଣ ଘଟିଛି। ଗ୍ରାମର କାହ୍ନୁଚରଣ ଶତପଥୀଙ୍କ ପୁଅ ନୀଳକଣ୍ଠ ସେହି ଗ୍ରାମର ଦିଲ୍ଲୀପ ପତିଙ୍କ କନ୍ୟା ଯଶୋସ୍ୱିନୀଙ୍କୁ ୨୦୧୯ ଡ଼ିସେମ୍ବରରେ ବିବାହ କରିଥିଲେ। ବାହାଘର ପୂର୍ବରୁ ଦିଲ୍ଲୀପ କାହ୍ନୁଙ୍କ ଠାରୁ ୫୫ ହଜାର ଟଙ୍କା ଧାର ନେଇଥିଲେ। ଧାର ଟଙ୍କା ଫେରସ୍ତକୁ ନେଇ ଦୁଇ ପରିବାର ମଧ୍ୟରେ ବହୁବାର ଗଣ୍ଡଗୋଳ ଓ ପାଟିତୁଣ୍ଡ ହୋଇଥିଲା। ଗତ ୧୩ ତାରିଖ ରାତି ପ୍ରାୟ ୯ଟାରେ ଘଟଣାର ସମାଧାନ ପାଇଁ ଗ୍ରାମର ଶ୍ରୀଗୋପୀନାଥ ମନ୍ଦିରରେ ଗ୍ରାମସଭା କରାଯାଇଥିଲା। ସଭାରେ ଉଭୟ ପରିବାରର ସଦସ୍ୟ ଉପସ୍ଥିତ ଥିଲେ। ଭଦ୍ରଲୋକ ଆଲୋଚନା କରୁଥିବାବେଳେ ଉଭୟ ପରିବାରର ଲୋକେ ପରସ୍ପରଙ୍କୁ ଆକ୍ଷେପ ପ୍ରତି ଆକ୍ଷେପ କରିବାରୁ ବିବାଦ ତୀବ୍ର ହୋଇଥିଲା। ସେଠାରେ ଦିଲ୍ଲୀପ ଏବଂ ତାଙ୍କ ସମ୍ପର୍କୀୟ ପ୍ରଶାନ୍ତ ଦାସ, ସନା ଦାସ, ବୁଲୁ ଦାସ ସଂଘବଦ୍ଧ ଭାବେ କାହ୍ନୁ ଏବଂ ତାଙ୍କ ପୁଅ ନୀଳକଣ୍ଠଙ୍କୁ ଆକ୍ରମଣ କରି ସୁନା ମୁଦି, ଚେନ୍ ଓ ୩୦ ହଜାର ଟଙ୍କା ଛଡ଼ାଇ ନେଇଥିଲେ। ଘଟଣାର ପରଦିନ କାହ୍ନୁ ଗ୍ରାମର ଶ୍ରୀଗୋପୀନାଥ ମନ୍ଦିରରୁ ପ୍ରସାଦ ଆଣିବାକୁ ଯାଇଥିବା ବେଳେ ଗ୍ରାମର ଡୁସା ମିଶ୍ର ନୀଳକଣ୍ଠଙ୍କୁ ଫୋନ କରି ତୁମକୁ ଗାଁରୁ ବାସନ୍ଦ କରାଯାଇଥିବା କହିଥିଲେ। ଏନେଇ ଦିଗପହଣ୍ଡି ଥାନାରେ ଏତଲା ହେବା ପରେ ପୁଲିସ ଥାନା ମାମଲା ନଂ.୬୩/୨୬ ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲେ। ଅପରପକ୍ଷରେ ଘଟଣା ଦିନ କାହ୍ନୁ ଓ ତାଙ୍କ ପୁଅ ନୀଳକଣ୍ଠ ଘରେ ପଶି ତାଙ୍କୁ ଆକ୍ରମଣ କରି ସୁନା ଚେନ୍ ଛଡାଇ ନେଇଥିବା ପ୍ରଶାନ୍ତ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ମାମଲା ନଂ.୬୪/୨୬ ଅନୁଯାୟୀ ପୁଲିସ ପୃଥକ୍ ମକଦ୍ଦମା ରୁଜୁ କରି ତଦନ୍ତ ଚଳାଇଛନ୍ତି। ସୂଚନାଯୋଗ୍ୟ, ୨୦୨୫ ଅକ୍ଟୋବର ୬ ରାତିରେ ଦୁଇ ପରିବାର ମଧ୍ୟରେ ସଂଘର୍ଷ ଘଟିଥିଲା। ଦିଲ୍ଲୀପ ଓ ତାଙ୍କ ସ୍ତ୍ରୀ ନଳିନୀ କାହ୍ନୁଙ୍କୁ ଘାତକ ଆକ୍ରମଣ କରିଥିଲେ। ଏନେଇ ଏତଲା ହେବା ପରେ ପୁଲିସ ଥାନା ମାମଲା ନଂ.୩୬୧/୨୫ ଅନୁଯାୟୀ ଦମ୍ପତିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଜାମିନ ଆବେଦନ ଖାରଜ ହେବାରୁ ଉଭୟେ ଜେଲ ଯାଇଥିଲେ। କୋର୍ଟରୁ ଜାମିନରେ ମୁକୁଳିବା ପରେ ଦିଲ୍ଲୀପ ତାଙ୍କ ବିରୋଧରେ କରାଯାଇଥିବା ମାମଲାକୁ ପ୍ରତ୍ୟାହାର କରିବା ପାଇଁ କାହ୍ନୁଙ୍କୁ ବିଭିନ୍ନ ସମୟରେ ଧମକ ଦେଉଥିବା ପୁଲିସକୁ କହିଛନ୍ତି। ମଙ୍ଗଳବାର କାହ୍ନୁ ଓ ତାଙ୍କ ପୁଅ ନୀଳକଣ୍ଠ ପ୍ରମୁଖ ବ୍ରହ୍ମପୁର ଏସ୍‌ପି ଡ଼. ସର୍ବଣା ଏମଙ୍କୁ ଭେଟିଥିବା ଜଣାପଡ଼ିଛି।

## ରାସ୍ତାରେ ପଡ଼ିଥିବା ଗାଈର ଚିକିତ୍ସା କରାଇଲେ ପୁଲିସ ଅଧିକାରୀ



ଜି.ଉଦୟଗିରି,୨୪।୨(ସମିସ): ଜି.ଉଦୟଗିରି ସହରରେ ପଲପଲ ଗାଈଗୋରୁ ରାସ୍ତାରେ ବୁଲୁଥିବା ବେଳେ ଦାୟିତ୍ୱ ନନେଇ ଛାଡି ଦେଇଉଛନ୍ତି ମାଲିକ। ଏ ପରିକି ଅସୁସ୍ଥ ହେଲେ ମଧ୍ୟ ତାହାର ଚିକିତ୍ସା ମଧ୍ୟ କରୁନଥିବା ନଜିର ଅଛି। ଏବେ ସେମିତି ଏକ ଗାଈ ପ୍ରଧାନ କଲୋନୀ ନିକଟରେ ଅସୁସ୍ଥ ହୋଇ ଅସହାୟ ଅବସ୍ଥାରେ ପଡିରହିଥିବା ବେଳେ ନିକଟରେ ରହୁଥିବା ପୁଲିସ ଏସଆଇ ରୂପକ ଦଳାଇ ଦେଖି ଭ୍ରମ୍ୟମାଣ ପଶୁ ଚିକିତ୍ସା ୟୁନିଟକୁ ଫୋନ କରି ଡାକିଥିଲେ। ନିଜେ ଉପସ୍ଥିତ ରହି ଗାଈର ଉତ୍ତମ ଚିକିତ୍ସା ବ୍ୟବସ୍ଥା କରିଥିଲେ। ଏହି ମାନବିକତା ପାଇଁ ଲୋକେ ପ୍ରଶଂସା କରିଛନ୍ତି।

## ୪୮ ପ୍ରହର ଅଖଣ୍ଡ ନାମଯଜ୍ଞ

ବେଲଗୁଣ୍ଠା,୨୪ ।୨(ସମିସ): ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ତନରଡା ଗ୍ରାମରେ ମାଆ ଶ୍ୟାମାକାଳୀଙ୍କ ମନ୍ଦିର ପ୍ରତିଷ୍ଠା ଅବସରରେ ୪୮ ପ୍ରହର ଅଖଣ୍ଡ ନାମଯଜ୍ଞ, ଅନ୍ନଯଜ୍ଞ, ଗୋ ଯଜ୍ଞ, ଘୃତ ଯଜ୍ଞ, ପଞ୍ଚ କୁଣ୍ଡିୟ ମହାଯଜ୍ଞ ଅନୁଷ୍ଠିତ ହେଉଛି। ଏହି ଅବସରରେ ଅନୁଷ୍ଠିତ ମନୋରଞ୍ଜନ କାର୍ଯ୍ୟକ୍ରମକୁ ସୋମବାର ସନ୍ଧ୍ୟାରେ ସୋରଡା ବିଧାୟକ ପ୍ରତିନିଧି ଜିତେନ୍ଦ୍ର କୁମାର ନାୟକ ଉଦଘାଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ଅଧିକାରୀ ପ୍ରତାପ କୁମାର ବିଷୋୟୀ, ଜଳ ସମ୍ପଦ ସହକାରୀ ନିର୍ବାହି ଯନ୍ତ୍ରୀ ସନ୍ତୋଷ କୁମାର ପାତ୍ର, ସହକାରୀ ଯନ୍ତ୍ରୀ ରଶ୍ମି ରଞ୍ଜନ ରଥ ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ।

## ଶ୍ରୀହନୁମାନ ମନ୍ଦିର ପ୍ରତିଷ୍ଠା ବାର୍ଷିକୋତ୍ସବ

ଦିଗପହଣ୍ଡି, ୨୪ ।୨(ସମିସ): ଦିଗପହଣ୍ଡି ବ୍ଲକ ସିଦ୍ଧିଖଣ୍ଡି ଗ୍ରାମ ସ୍ଥିତ ଶ୍ରୀହନୁମାନ ମନ୍ଦିର ପ୍ରତିଷ୍ଠାର ବାର୍ଷିକୋତ୍ସବ ଅବସରରେ ଗତ ଶନିବାର ଠାରୁ ଚାଲିଥିବା ମହାଯଜ୍ଞ ସହସ୍ରାଧିକ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ମଙ୍ଗଳବାର ପୂର୍ଣ୍ଣାହୁତି ହୋଇଛି। ପୂର୍ଣ୍ଣାହୁତିରେ ପଣ୍ଡିତ ଅଶ୍ୱିନୀ କୁମାର ରଥ ଶର୍ମା ସମସ୍ତ ପୂଜାର୍ଚ୍ଚନା ନୀତିକାନ୍ତି ପରିଚାଳନା କରିଥିବା ବେଳେ ଆଇନଜୀବୀ ରସାନନ୍ଦ ରାଉତ ଏବଂ ତାଙ୍କ ଧର୍ମପତ୍ନୀ କର୍ତ୍ତା ଆସନ ଅଳଙ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଦିଗପହଣ୍ଡି ସ୍ଥିତ ମା' ହରିପ୍ରିୟା ଆଶ୍ରମର ମୁଖ୍ୟ ଯୋଗୀ ଦେବଦତ୍ତ ମହାରାଜ ଉପସ୍ଥିତ ରହି ପୂଜାର୍ଚ୍ଚନା କରିଥିଲେ। ଉତ୍ସବ ପରିଚାଳନା କମିଟି କର୍ମକର୍ତ୍ତା ଗୋପାଳକୃଷ୍ଣ ସ୍ୱାଇଁ, ଶ୍ୱେତବସନ୍ତ ବିଷୋୟୀ, ସଞ୍ଜୟ ରାଉତ, ଜୟ ରାଉତ, କୃଷ୍ଣ ସ୍ୱାଇଁ, ଶଙ୍କର ବିଷୋୟୀ, ମିଥୁନ ରାଉତ, ବିଶ୍ୱନାଥ ରାଉତ, ରବି ବିଷୋୟୀ, ପିଣ୍ଟୁ ଜେନା, ରଞ୍ଜନ ବିଷୋୟୀ, କୈଳାସ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା

ବୁଗୁଡ଼ା,୨୪ ।୨(ସମିସ): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ତାକରଡା ପଞ୍ଚାୟତ କାର୍ଯ୍ୟାଳୟରେ ଦକ୍ଷତା ବିକାଶ ଓ ପ୍ରଶିକ୍ଷଣ ଯୋଜନା ମାଧ୍ୟମରେ ବ୍ଲକସ୍ତରୀୟ ଉଦ୍ୟାନ କୃଷି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ତାକରଡା ସରପଞ୍ଚ ଦିଲ୍ଲୀପ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ବ୍ଲକ କୃଷି ଅଧିକାରୀ ହରପ୍ରିୟା ବେହେରା, ସହକାରୀ ଉଦ୍ୟାନ କୃଷି ଅଧିକାରୀ ଏମ୍ ଦେବାଶିଷ ଦୋରା, ସହକାରୀ ମତ୍ସ୍ୟ ସଂପ୍ରସାରଣ ଅଧିକାରୀ ସାର୍ଥକ ସିଦ୍ଧାର୍ଥ ପ୍ରଧାନ, ବିଟିଏମ୍ ଅମରେନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ଥିଲେ। କର୍ମଶାଳାରେ ବିଭାଗୀୟ ଅଧିକାରୀ ମାନେ ଉଦ୍ୟାନ ଓ କୃଷି ବିଭାଗ ସଂପର୍କିତ ବିଭିନ୍ନ ସରକାରୀ ଯୋଜନା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରିବା ସହ ଏହାର ଉପଦେୟତା ସଂପର୍କରେ ତାଲିମ ପ୍ରଦାନ କରି ସେଗୁଡିକର ଫାଇଦା ହାସଲ କରିବାକୁ ଚାଷୀ ମାନଙ୍କୁ ସଚେତନ କରାଇ ଥିଲେ। ଶେଷରେ ଉଦ୍ୟାନ ସଂପ୍ରସାରଣ କର୍ମଚାରୀ ରାଜେଶ କୁମାର ସେନାପତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କର୍ମଶାଳାରେ ଶତାଧିକ ଚାଷୀ ଉପସ୍ଥିତ ଥିଲେ।

### ଜଗନ୍ନାଥ ସାଗର ପୁନରୁଦ୍ଧାରରେ ଦୁର୍ନୀତି ଅଭିଯୋଗ

## ଭିଜିଲାନ୍ସ ତଦନ୍ତ ଦାବି କଲା ବିଜେଡି

କୋରାପୁଟ, ୨୪।୨(ସମିସ): ଜୟପୁର ପୌରପରିଷଦର ଅଧକ୍ଷଙ୍କ ବିରୋଧରେ ଗୁରୁତର ଦୁର୍ନୀତି ଓ ଅନିୟମିତତା ଅଭିଯୋଗ ନେଇ ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦୁର୍ଗା ମିଶ୍ର, ପୂର୍ବତନ ପୌରାଧକ୍ଷ ସୂର୍ଯ୍ୟ ନାରାୟଣ ରଥଙ୍କ ନେତୃତ୍ୱରେ ବହୁ କାଉନସିଲର କୋରାପୁଟ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ପତ୍ର ଦେଇ ଭିଜିଲାନ୍ସ ତଦନ୍ତ ସହ ପ୍ରଚଳିତ ପୌର ପରିଷଦକୁ ସ୍ଥଗିତ କରିବାକୁ ସରକାରଙ୍କୁ ସୁପାରିଶ କରିବା ଦାବି କରିଛନ୍ତି। ଜୟପୁର ପୌର ଅଧକ୍ଷ ନରେନ୍ଦ୍ର ମହାନ୍ତି ବ୍ୟକ୍ତିଗତ ବ୍ୟବସାୟିକ ସାମ୍ରାଜ୍ୟକୁ ବଞ୍ଚାଇ ରଖିବା ପାଇଁ ହାଇକୋର୍ଟ ଭଳି ଏକ ପବିତ୍ର ସଂସ୍ଥାକୁ ବିଭ୍ରାନ୍ତ କରିବା ସହିତ ମିଥ୍ୟା ସତ୍ୟପାଠ ମାଧ୍ୟମରେ ରୁଟ ପରମିଟ ହାସଲ କରିବା ଏକ କଳଙ୍କ ଇତିହାସ ସୃଷ୍ଟି କରିବା ସହିତ ଜୟପୁର ସହରର ପାଇଁ ଏହା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରି ତୁରନ୍ତ ପୌର ଅଧକ୍ଷ ଶ୍ରୀ ମହାନ୍ତି ନୈତିକତା ଦୃଷ୍ଟିରୁ ନିଜ ପଦବୀରୁ ଇସ୍ତଫା ଦିଅନ୍ତୁ ବୋଲି ପୂର୍ବତନ ପୌରାଧକ୍ଷ ସୂର୍ଯ୍ୟ ନାରାୟଣ ରଥ ଦାବି କରିଛନ୍ତି। କିନ୍ତୁ ହାଇକୋର୍ଟରେ ମିଥ୍ୟା ସତ୍ୟପାଠ ମାଧ୍ୟମରେ ବିଶାଖପାଟଣାର ଏକ ଘରୋଇ ଚିକିତ୍ସାଳୟରେ ଏପ୍ରିଲ ମାସରୁ ଜୁଲାଇ ମାସ ପର୍ଯ୍ୟନ୍ତ ଦୀର୍ଘ ୧୦୬ ଦିନ ଚିକିତ୍ସିତ ହେଉଥିବା ନେଇ ଲିଖିତ ଭାବେ ଜଣାଇଥିଲେ। ଯଦି ସେ ସେଠାରେ ଚିକିତ୍ସା ହେଉଥିଲେ, ଉକ୍ତ ଦୀର୍ଘ ୩ ମାସ ପର୍ଯ୍ୟନ୍ତ ଜୟପୁର ସହର ଏବଂ ଅନ୍ୟାନ୍ୟ ସ୍ଥାନରେ ପୌରସଂସ୍ଥା ଓ ସରକାରୀ କାର୍ଯ୍ୟକ୍ରମରେ କିଭଳି ଉପସ୍ଥିତ ରହି ସଭା ଏବଂ ଅନ୍ୟାନ୍ୟ କାର୍ଯ୍ୟ କରିଥିଲେ। ଏହିପରି ଏହା



ବାବଦକୁ ଗସ୍ତଖର୍ଚ୍ଚ ବାବଦକୁ ପୌରସଂସ୍ଥା ପକ୍ଷରୁ ପ୍ରଦାନ କରାଯାଇଥିବା ୪ ଚକିଆ ଯାନରେ ପେଟ୍ରୋଲ କିମ୍ବା ଡିଜେଲ ବାବଦକୁ ଟଙ୍କା କିଭଳି ପୈଠ କରାଯାଇଛି ବୋଲି ପ୍ରଶ୍ନ କରିବା ସହିତ ଏହା ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବାକୁ ଦାବି କରିଛନ୍ତି । ଏହିପରି ଜଗନ୍ନାଥ ସାଗର ଉନ୍ନତୀକରଣ ନାମରେ କୋଟି କୋଟି ଟଙ୍କା ଖର୍ଚ୍ଚ ଦେଖାଇ ଅଧିକାଂଶ ଟଙ୍କା ନିର୍ମାଣକାରୀ ସଂସ୍ଥା ପୌରସଂସ୍ଥା ପକ୍ଷରୁ ଆତ୍ମସାତ କରାଯାଇଛି। ବର୍ତ୍ତମାନ ଜଗନ୍ନାଥ ସାଗରର ଉନ୍ନତୀମୂଳକ କାର୍ଯ୍ୟ ସମ୍ପନ୍ନ କରିବା ପୌରସଂସ୍ଥାର ଉଦ୍ଦେଶ୍ୟ ନାହିଁ। ଏହାର ପୁନଃଉଦ୍ଧାର ନାମରେ ବିଭିନ୍ନ ସଂସ୍ଥାର ପାଣ୍ଠି ଓ ରାଜ୍ୟ ସରକାରଙ୍କ ପାଣ୍ଠି ଲୁଟ କରିବାର ଜଗନ୍ନାଥ ସାଗର ମୁଖ୍ୟ ଉତ୍ସ ପାଲଟିଛି। ଏହି ଦୁର୍ନୀତୀରେ ସିଧାସଳଖ ପୌର ଅଧକ୍ଷ ଶ୍ରୀ ମହାନ୍ତି ସଂଶ୍ଲିଷ୍ଟ ରହିଛନ୍ତି। ସରକାରୀ ଅନୁଦାନ ସହ ଅନ୍ୟାନ୍ୟ ସଂସ୍ଥାରୁ ମିଳିଥିବା ଅର୍ଥର ସ୍ୱଷ୍ଟ ତଥ୍ୟ ସାର୍ବଜନୀନ କରାଯାଇନଥିବା କୁହାଯାଇଛି। ପ୍ରକଳ୍ପର ମୋଟ ଅନୁମୋଦିତ ଖର୍ଚ୍ଚ, ବିସ୍ତୃତ ଆନୁମାନିକ ମୂଲ୍ୟ, ବ୍ୟୟ ବିବରଣୀ ଓ ଟେଣ୍ଡର ପ୍ରକ୍ରିୟାରେ ପାରଦର୍ଶିତା ନଥିବା ଅଭିଯୋଗ ହୋଇଛି। ଏନେଇ ଶୀଘ୍ର ତଦନ୍ତ କରି ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ଅଭିଯୋଗ ପତ୍ର ଜରିଆରେ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଜୟପୁର ନଗର ବିଜେଡି ସଭାପିତ ଏ. ଶ୍ରୀନିବାସ ରାଓ, ସମ୍ପାଦକ ମାଧବ ରଥଙ୍କ ସମେତ ଅନେକ ବିଜେଡି ନେତା ଉପସ୍ଥିତ ଥିଲେ।

### ଥିନର ପକାଇ ୪ ଛାତ୍ର ପୋଡ଼ି ଘଟଣାରେ ଜଣେ ମୃତ

# ୪୮ ଦିନର ସଂଘର୍ଷ ପରେ ଆଖି ବୁଜିଲେ ବିରେନ୍

ବିଷମ କଟକ ,୨୪।୨(ସମିସ): ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଓ ମୁନୁଗୁଡା ଥାନା ଅନ୍ତର୍ଗତ ପାଇକଡାକୁଲୁଗୁଡା ସଦର ପଞ୍ଚାୟତର ଉନ୍ନିତ ଉଚ୍ଚ ବିଦ୍ୟାଳୟ ପରିସରରେ ନିଆଁରେ ପୋଡି ହୋଇ ଗୁରୁତର ସପ୍ତମ ଶ୍ରେଣୀ ଛାତ୍ର ବିରେନ୍ ଟାକ୍ରିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଦୀର୍ଘ ୪୮ ଦିନର ସଂଘର୍ଷ ପରେ ସେ ଆଖିବୁଜିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କ୍ଷତିପୂରଣ ଦାବିରେ ଲୋକେ ବିଦ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ସ୍କୁଲ୍ କର୍ତ୍ତୃପକ୍ଷଙ୍କୁ ମଧ୍ୟ ତାଲା ପକାଇ ରଖିଥିଲେ। ସୂଚନା ଅନୁଯାୟୀ, ଗତ ଜାନୁୟାରୀ ୫ ତାରିଖରେ ପାଇକ ଡାକୁଲୁଗୁଡା ଉନ୍ନିତ ଉଚ୍ଚ ବିଦ୍ୟାଳୟର ଉପର ମହଲାରେ ଜଣେ ଛାତ୍ରର ସେହି ବିଦ୍ୟାଳୟର ୪ ଜଣ ଛାତ୍ରଙ୍କ ଉପରେ ଥିନର ପକାଇ ନିଆଁ ଲଗାଇ ଦେଇଥିଲା। ଏହି ଘଟଣାରେ ୪ଜଣ ଛାତ୍ର ନିଆଁ ର ପୋଡି ଯାଇଥିବା ବେଳେ ଜଣେ ଗୁରୁତର ହୋଇଥିଲେ । ପ୍ରଥମେ ବିଷମ କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ବେରେନଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଥିଲା। ସେ କଟକ ମେଡିକାଲ ବେଡ୍‌ରେ ଦୀର୍ଘ ୪୮ ଦିନ କାଳ ଜୀବନ ସହ ସଂଘର୍ଷ କରି ଶେଷରେ ମଙ୍ଗଳବାର ଅପରାହ୍ନରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ମୃତ ଛାତ୍ର ଜଣକ ପାଇକଡାକୁଲୁଗୁଡା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ସପ୍ତମ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ସେ ପାଇକଡାଗୁଲୁଗୁଡା ଗ୍ରାମର ବାବୁଲା ଟାକ୍ରିଙ୍କ ପୁତ୍ର ଅଟନ୍ତି। ବିରେନଙ୍କ ମୃତ୍ୟୁ ଖବର ପରିବାର ବନ୍ଧୁ ବର୍ଗଙ୍କୁ ମର୍ମାହତ କରିଛି। ଛାତ୍ରର ମୃତ୍ୟୁ ହୋଇଯାଇଥିବା ନେଇ ପରିବାର ଲୋକେ



> ➤ କ୍ଷତିପୂରଣ ଦାବିରେ ବିଦ୍ୟାଳୟ ସମ୍ମୁଖରେ ଧାରଣା
> ➤ ସ୍କୁଲରେ ଶିକ୍ଷକଙ୍କୁ ତାଲା ପକାଇଲେ ଲୋକେ

ମୁନିଗୁଡା ଥାନା ଅଧିକାରୀଙ୍କୁ ଅବଗତ କରିଛନ୍ତି। ଏଘଟଣାକୁ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପୂର୍ବରୁ ମୁନିଗୁଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୂର୍ବରୁ ବିଷମ କଟକ ଏସଡିପିଓ ସନ୍ତୋଷୀନି ଆରାମ ମୁନିଗୁଡା ଏବଂ ବିଷମ କଟକ ଥାନା ଅଧିକାରୀ ଘଟଣାର ତଦନ୍ତ କରିବା ସହ ଆହତ ଛାତ୍ର ମାନଙ୍କ ବୟାନ ଆଧାରେ ଅଗ୍ନିକାଣ୍ଡ ଭିଆଇଥିବା ଛାତ୍ର ଙ୍କ ବିରୋଧରେ ମାମାଲା ରୁଜୁ କରିଥିବାର ଜଣାପଡିଥିଲା। ଏହି ଘଟଣା ସମଗ୍ର ରାଜ୍ୟରେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ଘଟଣାର ୪୮ ଦିନ ପରେ ଜଣେ ଗୁରୁତର ଛାତ୍ରଙ୍କ ମୃତ୍ୟୁ ହୋଇଯାଇଥିବା ବେଳେ ତଦନ୍ତ କେଉଁ ଦିଗକୁ ଗତି କରିବ ଏବଂ ଅଗ୍ନିକାଣ୍ଡରେ ସଂପୃକ୍ତ ଥିବାର ଅଭିଯୋଗ ହୋଇଥିବା ଛାତ୍ର ଉପରେ ପୁଲିସ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାକୁ ନେଇ ଅପେକ୍ଷା କରିଛନ୍ତି। ଅନ୍ୟପଟେ ଛାତ୍ର ବିରେନ୍‌ଙ୍କ ମୃତ୍ୟୁ ଘଟିବା ପରେ କ୍ଷତି ପୂରଣ ଦାବିରେ ପରିବାର ଓ ତାଙ୍କ ସମ୍ପର୍କୀୟ ମାନେ ବିଦ୍ୟାଳୟ ସମ୍ମୁଖରେ ଟେଣ୍ଟ ମାରି ଧାରଣାରେ ବସିବା ସହ ଦୀର୍ଘ ଦୁଇ ଘଣ୍ଟା ଧରି ବିଦ୍ୟାଳୟର ଶିକ୍ଷକମାନଙ୍କୁ ବିଦ୍ୟାଳୟରେ ତାଲା ପକାଇ ଅଟକ ରଖିଥିବା ବେଳେ ଖବର ପାଇ ମୁନିଗୁଡା ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ପୋଲିସ ସୁରକ୍ଷା ବଳୟ ମଧ୍ୟରେ ବାହାରକୁ ନେଇଥିଲେ। ଖବର ଲେଖା ସୁଦ୍ଧା ଗ୍ରାମବାସୀମାନେ ସ୍କୁଲ ସମ୍ମୁଖରେ ଟାୟାର ଜାଳି ଧାରଣା ଦେଉଥିବା ଜଣାପଡିଛି।

### ● ହାଇୱାକୁ ପଛରୁ ଧକ୍କା ଦେଲା ବୁଲେଟ୍

## ବାଇକ୍ ଚାଳକ ମୃତ, ପତ୍ନୀ ଆହତ

ଜୟପୁର,୨୪ ।୨(ସମିସ): ଜୟପୁର-କୋରାପୁଟ ମଧ୍ୟରେ ରହିଥିବା ଘାଟିରାସ୍ତାର ଭୈରବ ମନ୍ଦିର ସମ୍ମୁଖରେ ବାଲି ବୋଝେଇ ହାଇୱା ଟ୍ରକ୍‌କୁ ପଛପାଖରୁ ଏକ ବୁଲେଟର ଧକ୍କା ଫଳରେ ବାଇକ ଚାଳକ ସ୍ୱାମୀଙ୍କ ମୃତ୍ୟୁ ହୋଇଥିବା ବେଳେ ପତ୍ନୀ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ ବାଲି ବୋଝେଇ ଏକ ହାଇୱା (ଓଡି ୧୦ଏସି ୦୯୮୮) ଜୟପୁର ଠାରୁ କୋରାପୁଟ ଅଭିମୁଖେ ଯାଉଥିବା ବେଳେ ପଛପଟୁ (ଓଡି୦୩ଏବି୯୬୮୬)ଏକ ବୁଲେଟ୍ ପଛ ପଟରୁ ଧକ୍କା ଦେଇଥିବା ନେଇ ସୂଚନା ମିଳିଛି । ଫଳରେ ବଲାଙ୍ଗିର ଜିଲ୍ଲାର ପୁନିତଳା ଥାନା ଭୁବେଲ ଗ୍ରାମର ସୁଧିର କୁମାର କହ୍ନର(୩୬) ମୃତ୍ୟୁ ହୋଇଥିବା ବେଳେ ପତ୍ନୀ ମାଧୁରୀ ବାଗ୍(୨୬) ଆହତ ହୋଇ ଜୟପୁର ଜିଲ୍ଲା ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ବୁଲେଟ ଚାଳକ ବାଲି ବୋଝେଇ ହାଇୱାକୁ ପାଶ୍ୱର୍କୁ ଅତିକ୍ରମ କରୁଥିବା ବେଳେ ନିୟନ୍ତ୍ରଣ ହରାଇ ପଛ ଚକରେ ଭିତରକୁ ବାଇକ୍ ସହିତ ପଶି ଯାଇଥିଲେ। ଫଳରେ ଚାଳକ ସ୍ୱାମୀଙ୍କ ଉପରେ ଚକା ଚଢିଯାଇ ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିଲା। ପତ୍ନୀ ଗୁରୁତର ଆଘାତ ହୋଇଥିଲେ। ଖବରପାଇ ଘଟଣା ସ୍ଥଳରେ ସଦରଥାନା ପୁଲିସ ପହଞ୍ଚି ମୃତକ ଏବଂ ପତ୍ନୀଙ୍କୁ ଚିକିତ୍ସାଳୟକୁ ନେଇଥିଲେ। ତାଙ୍କ ପରିବାର ଲୋକଙ୍କୁ ଘଟଣା ସମ୍ପର୍କରେ ସୂଚନା ଦିଆଯାଇଥିବା ନେଇ ସଦରଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

